- RNI No.ODIODI/2010/33031
- ୧୬ ବର୍ଷ | Volume- 16
- ISSUE -126 | ସଂଖ୍ୟା-୧୨୬
- ଭୁବନେଶ୍ୱର, ଶନିବାର ୨୬, ଜୁଲାଇ ୨୦୨୫
- Bhubaneswar, Saturday, 26 July, 2025
- ୦୮ ପୃଷ୍ଠା | Pages-08
- ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
- www.odishamanthan.com

MANTHAN

ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର






ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରୁଛନ୍ତି ଓଡ଼ିଶା ବିଜେପି ଟିମ୍।

# ରାଜ୍ୟରେ ୬ ଟେକ୍ସଟାଇଲ ପାର୍କର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୭(ନି.ପ୍ର.): ଓଡ଼ିଶା ହେବ ଟେକ୍ସଟାଇଲ ହବ୍। ଲୋକେ ଓଡ଼ିଶାରେ ରହି କାମ କରିବେ। ତାମିଲନାଡୁ, ମୁମ୍ବାଇ, ଗୁଜୁରାଟ ଯିବେନି ଓଡ଼ିଶା ଲୋକେ। ଆଜି ୭ ହଜାର ୮୦୮ କୋଟି ଟଙ୍କାର ୩୩ ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ୫୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଗକୁ ଟେକ୍ସଟାଇଲ କ୍ଷେତ୍ରରେ ଆହୁରି ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆହୁରି ୫ ଟେକ୍ସଟାଇଲ ପାର୍କ ଖୋଲାଯିବ। ଓଡ଼ିଶାରେ ଅଧିକ ନିବେଶ କରିବା ସହ ସହଯୋଗୀ ହୋଇ କାମ କରିବାକୁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ରାଜ୍ୟରେ ୬ ଟି ଟେକ୍ସଟାଇଲ ପାର୍କର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ବଲାଙ୍ଗୀର, ଜଗତସିଂହପୁର, କେନ୍ଦୁଝର, ସମ୍ବଲପୁର, କଟକ ଓ ଗଞ୍ଜାମ ଜିଲ୍ଲାରେ ହେବ ଟେକ୍ସ ଟାଇଲ ପାର୍କ। ଯେଉଁଥିରେ





୨୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଣେ ଓଡିଶା ଟେକ୍ସ ୨୦୨୫ରେ ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରି କହିଛନ୍ତି, ସପ୍ତାହରେ ଗୋଟିଏ ଦିନ ଓଡ଼ିଶା ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧନ୍ତୁ। ଜୀବନ କାଳ ଭିତରେ ଥରେ ହାତବୁଣା ବସ୍ତ୍ର କିଣି ଘରକୁ ନିଅନ୍ତୁ।

ତେଣେ ବୁଣାକାର ଶ୍ରମିକଙ୍କ ଭତ୍ତାବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ପୁରୁଷ କର୍ମଚାରୀଙ୍କ ପାଇଁ ୫ରୁ ୬ ହଜାର ଏବଂ ମହିଳାଙ୍କୁ ୬ରୁ ୭ ହଜାର ଭତ୍ତା ବୃଦ୍ଧି କରାଯାଇଛି। ସବୁ ବର୍ଷ ହେବ ଅନୁଷ୍ଠିତ ହେବ ଓଡିଶା ଟେକ୍ସ କନକ୍ଲେଭ।ଓଡ଼ିଶାରେ କାର୍ଯ୍ୟରତ ସରକାରୀ କର୍ମଚାରୀ ସପ୍ତାହକୁ ଗୋଟିଏ ଦିନ ଓଡ଼ିଶା ବସ୍ତ୍ର ପିନ୍ଧିବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ। ବର୍ଷକୁ ଥରେ ଓଡ଼ିଶା ବସ୍ତ୍ର କିଣିବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ।

ଉତ୍କର୍ଷ ଓଡ଼ିଶାରେ ଆସିଥିବା ପ୍ରକଳ୍ପର ସ୍ଥିତି ଜାଣିବାକୁ ଚାହିଁଲେ ପ୍ରଧାନମନ୍ତ୍ରୀ।ନୀତି ଆୟୋଗ ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ

### ଶ୍ରମିକଙ୍କ ମୁହଁରେ ହସ ଫୁଟାଇଲେ, ବଢ଼ିଲା ଭତ୍ତା

ଭାବେ ଆଲୋଚନା ବେଳେ ପ୍ରକଳ୍ପର ଅଗ୍ରଗତି ନେଇ ପ୍ରଧାନମନ୍ତ୍ରୀ ବୁଝିବାକୁ ଚାହିଁଲେ କେତେ ପ୍ରକଳ୍ପ ଗ୍ରାଉଣ୍ଡ ବ୍ରେକିଂଗ ହୋଇଛି। ଓଡ଼ିଶାର ସଫଳତା ନେଇ ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ପ୍ରତିବର୍ଷ ଓଡ଼ିଶାରେ ହେବ ଓଡିଶା ଟେକ୍ସ। ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଇନସେନଟିଭ୍ ୧୦୦୦ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମହିଳାଙ୍କୁ ୬୦୦୦ରୁ ୭୦୦୦ ଓ ପୁରୁଷଙ୍କ ପାଇଁ ୫୦୦୦ ରୁ ୬୦୦୦ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଉତ୍କର୍ଷ ଓଡ଼ିଶା ୨୦୨୫ରେ ଆସିଥିବା ନିବେଶ ପ୍ରତିଶ୍ରୁତି ମଧ୍ୟରୁ ୪୮ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ମୋଟ ୫୮ ପ୍ରକଳ୍ପ କାମ ଚାଲୁ ରହିଛି। ବିଗତ ୬ ମାସ ମଧ୍ୟରେ ୧ ଲକ୍ଷ ୭୮ ହଜାର କୋଟି ଟଙ୍କା ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଙ୍ଗ ହୋଇଛି। ୧ ଲକ୍ଷ ୧୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଉତ୍କର୍ଷ ଓଡ଼ିଶାରେ ଆସିଥିବା ପ୍ରକଳ୍ପର ସ୍ଥିତି ଜାଣିବାକୁ ଚାହିଁଲେ ପ୍ରଧାନମନ୍ତ୍ରୀ।ନୀତି ଆୟୋଗ ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା ବେଳେ ପ୍ରକଳ୍ପର ଅଗ୍ରଗତି ନେଇ ପ୍ରଧାନମନ୍ତ୍ରୀ ବୁଝିବାକୁ ଚାହିଁଲେ କେତେ ପ୍ରକଳ୍ପ ଗ୍ରାଉଣ୍ଡ ବ୍ରେକିଂଗ ହୋଇଛି। ଓଡ଼ିଶାର ସଫଳତା ନେଇ ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଏହା ସହ ଖୋର୍ଦ୍ଧାରେ ହଜାରେ ବେଡ୍ ବିଶିଷ୍ଟ କର୍ମଜୀବୀ ହଷ୍ଟେଲର ମଧ୍ୟ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୫।୭(ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖ (ସୋମବାର)ରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ୧୦୦୦ ଜଣ ଆବେଦନକାରୀ ସେମାନଙ୍କର ନାମ ଅନ୍‌ଲାଇନ୍ ଯୋଗେ ପଞ୍ଜୀକରଣ କରିସାରିଛନ୍ତି। ଏହି ଅନଲାଇନ ପଞ୍ଜୀକରଣ ଆଜି ଜୁଲାଇ ୨୫ ତାରିଖ ସକାଳ ୧୦.୦୦ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିଥିଲା।

ତେବେ ଆଜି ଅପରାହ୍ନ ସୁଦ୍ଧା ସମସ୍ତ ପଞ୍ଜୀକରଣ ସରିଥିବା ( ବୁକ୍ ହୋଇସାରିଥିବା) ଜଣାଯାଇଛି। ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି।

## ଜୟପୁର ଡେପୁଟି ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,,୨୫।୭(ନି.ପ୍ର): ଜୟପୁର ଡେପୁଟି ରେଞ୍ଜର ରାମଚନ୍ଦ୍ର ନାୟକଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି । ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ଫରେଷ୍ଟ ଡିଭିଜନ ଅଧୀନ ଜୟପୁର ଫରେଷ୍ଟ ରେଂଜର ଡେପୁଟି ରେଂଜର ଶ୍ରୀ ରାମଚନ୍ଦ୍ର ନେପାକଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି । ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ପକ୍ଷରୁ ଜାରି ଓ୍ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ରେଡ୍ କରାଯାଇଛି । ଏହି ଚଢାଉରେ



୬ଜଣ ଡିଏସପି, ୫ ଇନସପେକ୍ଟର, ୯ ଏଏସଆଇ ଓ ଅନ୍ୟ ଷ୍ଟାଫ ସାମିଲ ଅଛନ୍ତି । ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢାଉ କରାଯାଇଛି ।

ଜୟପୁର ଟାଉନରେ ଏନକେଟି ରୋଡରେ ଥିବା ପୈତୃକ ଘର, ଜୟପୁର ସହରରେ ଗୋଲଡ୍ନେ ହାଇଟ ରେସିଡେନ୍ସିଆଲ ଆପାର୍ଟମେଂଟରେ ଥିବା ଦୁଇଟି ଫ୍ଲାଟ, ଭୁବନେଶ୍ୱର ରଘୁନାଥପୁର ସ୍ଥିତ ତାଙ୍କ ଭାଇଙ୍କ ଘର, ଜୟପୁର ସହରରେ ଥିବା ତାଙ୍କ ଶ୍ୱଶୁର ଘର ଓ ଜୟପୁର ଫରେଷ୍ଟ ରେଂଜ ସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଚଢାଉ କରାଯାଇଛି ।ଯାଞ୍ଚ ବେଳେ ରାମଚନ୍ଦ୍ରଙ୍କ ଘରୁ ମିଳିଲାଣି ୧ କୋଟି ୪୪ ଲକ୍ଷ ଟଙ୍କା । ଏହାସହିତ ୫୦୦ ଟଙ୍କିଆ ଓ ୨୦୦ ଟଙ୍କିଆ ନୋଟ୍ ବିଡ଼ା ଜବତ । ୪ଟି ସୁନା ବିସ୍କୁଟ୍ ଓ ୧୬ଟି ସୁନା କଏନ୍ ବି ମିଳିଥିବା ସୂଚନା ମିଳିଛି ।

## ଦୁଇ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ତୁମୁଡିବନ୍ଧ,୨୫।୭(ନି.ପ୍ର): କନ୍ଧମାଳରେ ପୁଣି ଲଜ୍ୟା।ପିଛା ଛାଡୁନି ନାବାଳିକା ଛାତ୍ରୀ ଗର୍ଭବତୀ ଘଟଣା। ଦୁଇ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଚିହ୍ନଟ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ତୁମୁଡିବନ୍ଧ ବ୍ଲକ ଅଞ୍ଚଳର ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଘଟିଛି।

ମିଳିଥିବା ସୂଚନା ଅନୁସାରେ, ଗ୍ରୀଷ୍ମ ଅବକାଶ ପରେ ଛାତ୍ରୀମାନେ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ହେଲେ ଏକ ମାସ ହେବାରୁ ମାସିକ ଋତୁସ୍ରାବ ତଦାରଖ କରିବା ସମୟରେ ଦୁଇ ଜଣ ଛାତ୍ରୀଙ୍କ ପଜିଟିଭ ଥିବା ଜଣାପଡ଼ିଛି।

ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ଓ ତାଙ୍କ ନିର୍ଦ୍ଦେଶରେ ଡାକ୍ତରୀ ମାଇନାର ରିପୋର୍ଟରୁ ଉକ୍ତ ଦୁଇ ଜଣ ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ଉଭୟ କୋଟଗଡ଼ ଓ ବେଲଘର ଥାନା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ଏହା ପରେ ପୃଥକ ଭାବରେ ଦୁଇଟି ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଲିଖିତ ଭାବରେ ଏତଲା ଦେଇଥିଲେ। ଏତଲାକୁ ଆଧାରକରି କୋଟଗଡ଼ ଥାନାରେ କେସ ନମ୍ବର ୧୦୩/ ୨୫ ଏବଂ ସେହିଭଳି ବେଲଘର ଥାନାରେ ୬୪/ ୨୫ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବାବେଳେ ବେଲଘର ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକକୁ ଅଟକ ରଖି ପଚରାଉଚରା ଜାରି ରଖିଛି। କୋଟଗଡ଼ ପୋଲିସ ମଧ୍ୟ ସଂପୃକ୍ତ ଯୁବକକୁ ଚିହ୍ନଟ କରିବାରେ ସଫଳ ହୋଇଥିବା ନେଇ ସୂଚନା ଦେଇଛନ୍ତି।

## ପାନୀୟ ଜଳ ପ୍ରକଳ୍ପ ୨୦୨୫ରେ ସରିବ: ମନ୍ତ୍ରୀ

ଭୁବନେଶ୍ୱର,୨୫।୭(ନି.ପ୍ର): ପାନୀୟ ଜଳ ଯୋଗାଣ ବିଭାଗର ହିସାବ ଦେଇଛନ୍ତି ମନ୍ତ୍ରୀ ରବି ନାରାୟଣ ନାୟକ। ସେ କହିଛନ୍ତି, ପାନୀୟ ଜଳଯୋଗାଣରେ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା ବନ୍ଦ ହେବ। ଏ ଦିଗରେ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଏନେଇ ବିଭାଗ ପକ୍ଷରୁ ୭ ଦିନରେ ଦୁଇ ଥର ମନିଟରିଂ କରାଯିବ।

ପାନୀୟ ଜଳ ବ୍ୟବସ୍ଥା ଆଜି ମଧ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ। ୨୦୭ ମେଗା ପ୍ରକଳ୍ପ ଦ୍ୱାରା ପାଣି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ୧୮ ଟି ପ୍ରକଳ୍ପରେ ସବୁ ଘରକୁ ହର ଘର ଜଳ ବ୍ୟବସ୍ଥା ହୋଇଛି। ଅଗଷ୍ଟରେ ୨୧ ଟି ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ ଟି ଡିସେମ୍ବର ସୁଦ୍ଧା ୨୨ ଟି ପ୍ରକଳ୍ପ ଶେଷ ହେବ। ୨୦୧୬ ମସିହା ଠାରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୫ରେ ସରିବ। ୨୦୧୬ ରୁ ଆରମ୍ଭ



ହୋଇଥିଲା ଲୋକମାନେ ଆତୁର ହୋଇ ପାଣି ପାଇଁ ଅପେକ୍ଷା କରିଥିଲେ। ପାଣି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ୨୯ ହଜାର ୫୧୨ ଟି ନଳକୂପ ଏ ବର୍ଷ ଦିଆଯାଇଥିଲା ୨୦ ହଜାର ୮୯୧ ଟି ନଳକୂପ ଖନନ ହୋଇ ଲୋକେ ପାଣି ପାଉଛନ୍ତି। ଏଜେନ୍ସି ପାଇଁ ସବୁ ଦିନେ ପେନାଲ୍ଟି ରହୁଛି। ବଳକା ପ୍ରକଳ୍ପ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ସମସ୍ତ ଜିଲ୍ଲା ଓ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୨୭ ହଜାର ୫୭୦ ନଳକୂପ ଖୋଳା ଯାଇଛି।

ସେ ଆହୁରି କହିଛନ୍ତି, ପାନୀୟ ଜଳ ବ୍ୟବସ୍ଥା ଆଜି ମଧ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ। ୨୦୭ ମେଗା ପ୍ରକଳ୍ପ ଦ୍ୱାରା ପାଣି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ୧୮ ଟି ପ୍ରକଳ୍ପରେ ସବୁ ଘରକୁ ହର ଘର ଜଳ ବ୍ୟବସ୍ଥା ହୋଇଛି। ଅଗଷ୍ଟରେ ୨୧ ଟି ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ ଟି ଡିସେମ୍ବର ସୁଦ୍ଧା ୨୨ ଟି ପ୍ରକଳ୍ପ ଶେଷ ହେବ। ୨୦୧୬ ମସିହା ଠାରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୫ରେ ସରିବ। ୨୦୧୬ ରୁ ଆରମ୍ଭ ହୋଇଥିଲା ଲୋକମାନେ ଆତୁର ହୋଇ ପାଣି ପାଇଁ ଅପେକ୍ଷା କରିଥିଲେ। ପାଣି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ୨୯ ହଜାର ୫୧୨ ଟି ନଳକୂପ ଏ ବର୍ଷ ଦିଆଯାଇଥିଲା ୨୦ ହଜାର ୮୯୧ ଟି ନଳକୂପ ଖନନ ହୋଇ ଲୋକେ ପାଣି ପାଉଛନ୍ତି। ଏଜେନ୍ସିପାଇଁ ସବୁ ଦିନେ ପେନାଲ୍ଟି ରହୁଛି। ବଳକା ପ୍ରକଳ୍ପ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ସମସ୍ତ ଜିଲ୍ଲା ଓ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୨୭ ହଜାର ୫୭୦ ନଳକୂପ ଖୋଳା ଯାଇଛି।

### ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା

## ଓଡିଶାକୁ ହେବ ଲାଭ, ବଢ଼ିବ ରୋଜଗାର

ଭୁବନେଶ୍ୱର,୨୫।୭(ନି.ପ୍ର): ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହେବା ପରେ ଓଡିଶା ସମେତ ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡିକ ପାଇଁ ବ୍ୟବସାୟର ଅପାର ସମ୍ଭାବନା ସୃଷ୍ଟି ହୋଇଛି। ବିଶେଷ କରି ସାମୁଦ୍ରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଏହି ବାଣିଜ୍ୟିକ ରାଜିନାମାର ଲାଭ ମିଳିବ। ଭାରତ-ବ୍ରିଟେନ୍ ଏଫ୍ ?ଟିଏ ଦ୍ୱାରା ଓଡିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନର ଏକ ବଡ ବଜାର ସୃଷ୍ଟି ହେବ। ପାରାଦୀପ ଏବଂ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟପାଳନ ଉଦ୍‌ଯୋଗ ଲାଭାନ୍ୱିତ ହୋଇପାରିବ।

ସାମୁଦ୍ରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଏହି ବାଣିଜ୍ୟିକ ରାଜିନାମାର ଲାଭ ମିଳିବ। ଭାରତ-ବ୍ରିଟେନ୍ ଏଫ୍ ?ଟିଏ ଦ୍ୱାରା ଓଡିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନର ଏକ ବଡ ବଜାର ସୃଷ୍ଟି ହେବ। ପାରାଦୀପ ଏବଂ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ।

ପୂର୍ବତରୁ ଭାରତରୁ ବ୍ରିଟେନକୁ ଚିଙ୍ଗୁଡି ଭଳି ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ହେଉଥିଲା। ଅଧିକ ଶୁଳ୍କ କାରଣରୁ ବ୍ରିଟେନର ୫.୪ ବିଲିୟନ ଆମେରିକୀୟ ଡଲାର ସାମୁଦ୍ରିକ ଉତ୍ପାଦରେ ରପ୍ତାନିରେ ଭାରତର ଅଂଶଧନ ମାତ୍ର ୨.୫% ଥିଲା। ୨୦୨୪-୨୫ରେ ଭାରତରୁ ୧୦୪.୪୩ ନିୟୁତ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନି ହୋଇଥିବା ବେଳେ ଏଥିରେ ଚିଙ୍ଗୁଡିର ଭାଗ ୭୭% ରହିଛି। ପୂର୍ବରୁ ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡି ଉପରେ ୪.୨%ରୁ ୮.୫% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା।

ସେହିପରି ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୨୧.୫%ରେ ପର୍ଯ୍ୟନ୍ତ ବୃଦ୍ଧି ପାଉଥିଲା। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବିସ୍ତୃତ ବାଣିଜ୍ୟିକ ରାଜିନାମା ପରେ ଭାରତର ୯୯% ସାମୁଦ୍ରିକ ଉତ୍ପାଦକୁ ବ୍ରିଟେନ୍ ବଜାରେ ନିଃଶୁଳ୍କ କାରବାର ପାଇଁ ସୁବିଧା ମିଳିବ। ଫଳରେ ଦେଶର ସାମୁଦ୍ରିକ ରପ୍ତାନି ଓ କାରବାର ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି। ଏହା ଦ୍ୱାରା ଓଡିଶା ସମେତ ସବୁ ଉପକୂଳବର୍ତ୍ତୀ ରାଜ୍ୟ ବିଶେଷ ଲାଭ ପାଇବେ। ଓଡିଶାରେ ରପ୍ତାନି ଆଧାରିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରପ୍ତାନିକାରୀମାନଙ୍କୁ ଭଲ ମୂଲ୍ୟ ମିଳିବ ଏବଂ ମତ୍ସ୍ୟଜୀବୀଙ୍କର ଆୟ ବୃଦ୍ଧି ପାଇବ। ରାଜ୍ୟ ତଥା ଦେଶର ଉପକୂଳ ଅର୍ଥବ୍ୟବସ୍ଥା ପାଇଁ ଅପାର ସମ୍ଭାବନା ସୃଷ୍ଟି ଟେବ। ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍‌ଯୋଗରେ ନିୟୋଜିତ ମହିଳାମାନେ ମଧ୍ୟ ଅଧିକ ରୋଜଗାରକ୍ଷମ ହୋଇପାରିବେ।

## ମେଟ୍ରୋ ପ୍ରକଳ୍ପ : କେନ୍ଦ୍ର ପାଖକୁ ଯାଇନାହିଁ ପ୍ରସ୍ତାବ

ଭୁବନେଶ୍ୱର୨୫।୭(ନି.ପ୍ର):: ଓଡ଼ିଶାରେ ମେଟ୍ରୋ ଗଢ଼ିବା ନେଇ ଯେଉଁ ଅନିଶ୍ଚିତତା ଦେଖାଦେଇଛି ତାହା ସତ ବୋଲି ପ୍ରମାଣିତ ହୋଇଛି ବାସ୍ତବରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ନେଇ ଆ ।ଜି ଏକ ନୂଆ । ତଥ୍ୟ ସାମ୍ନାକୁ ଆ ।ସିଛି ମିଳିଥିବା ସୂଚନା ମୁତାବକ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ନେଇ କେନ୍ଦ୍ରକୁ କୌଣସି ପ୍ରସ୍ତାବ ଯାଇନାହିଁ ସଂସଦରେ ଏନେଇ ଉତ୍ତର ରଖିଛନ୍ତି ମନ୍ତ୍ରୀ ମନ୍ତ୍ରୀଙ୍କ କହିବା କଥା ଯେ କେନ୍ଦ୍ର ସରକାରଙ୍କ ପାଖକୁ ୧୭ଟି ପ୍ରସ୍ତାବ ବିଭିନ୍ନ ରାଜ୍ୟରୁ ଆ ।ସିଛି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ମଧ୍ୟ ଅନୁଦାନ ଦେଇଛନ୍ତି।

ହେଲେ ଏଥିରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ନେଇ କୌଣସି ପ୍ରସ୍ତାବ ନାହିଁ ଅନ୍ୟପଟେ ଗତ ୧୬ ତାରିଖରେ ମେଟ୍ରୋ ପ୍ରକଳ୍ପ ନେଇ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂ ଦେଓ ଙ୍କ ଅଧକ୍ଷତାରେ ବସିଥିଲା ମନ୍ତ୍ରୀ ସ୍ତରୀୟ ବୈଠକ ନୂଆ। ଡାଞ୍ଚାରେ ମେଟ୍ରୋ ପ୍ରକଳ୍ପ ନେଇ ଆ ।ଲୋଚନା ହୋଇଥିଲା ମେଟ୍ରୋ ରେଳ ପ୍ରକଳ୍ପ' ଗମନାଗମନ ସେବାରେ କିଭଳି ନୂତନ ରୂପାନ୍ତରଣ ଆ ।ଣିବ ଓ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବରେ ସଫଳ ରୂପରେ କାର୍ଯ୍ୟାନ୍ୱିତ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ କିପରି ସ୍ଥାୟୀ ସମନ୍ୱୟ ହେବ,ତାହା ଉପରେ ବିସ୍ତୃତ ଭାବେ ଆ ।ଲୋଚନା କରାଯାଇଥିଲା।

ଏହି ବୈଠକରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆ ।ହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗଣ ଉପସ୍ଥିତ ଥିଲେୟ

## ଯୁବତୀଙ୍କୁ ଦୁଷ୍କର୍ମ-ହତ୍ୟା ଉଦ୍ୟମ

### ବନ୍ଧାହେଲେ ୪ ଅଭିଯୁକ୍ତ ଯୁବକ

ନୀଳଗିରି,୨୫।୭(ନି.ପ୍ର.): ଜଗତସିଂହପୁର, ମାଲକାନଗିରି, ପୁରୀ ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଦୁଷ୍କର୍ମ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ?ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ପୁଣି ସମାନ ପ୍ରକାରର ଉଦ୍ୟମ କରାଯାଇଛି। ବରହମପୁର ଥାନା ଅଞ୍ଚଳରେ ଜଣେ ୨୦ ବର୍ଷ ବର୍ଷୀୟ ଯୁବତୀଙ୍କୁ ପୋଖରୀ ତୁଠରେ ଟଣାଓଟରା ସହ ଗଣଦୁଷ୍କର୍ମ ଉଦ୍ୟମ ହୋଇଛି। ଏହି ଅଭିଯୋଗରେ ପୁଲିସ ଚାରି ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ ବରହମପୁର ଥାନା ଅଞ୍ଚଳରେ ଜଣେ ଯୁବତୀ ଗତକାଲି ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଅନୁସରଣ କରୁଥିବା ଚାରି ଜଣ ଯୁବକ ପୋଖରୀ ତୁଠରେ ପହଞ୍ଚି ଥିଲେ। ବଳପୂର୍ବକ ଯୁବତୀଙ୍କୁ ନିବସ୍ତ୍ର କରିବା ସହିତ ଟଣାଓଟରା କରୁଥିଲେ। ଦୁଷ୍କର୍ମ କରିବା ପାଇଁ ପୂରା ବଳ ଲଗାଇଥିଲେ। ଚାରି ଜଣ ଯୁବକ ଏତିକିରେ ଅଟକି ନଥିଲେ। ସେମାନେ ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ପାଣିରେ ବୁଡାଇ ମାରିବା ଓ ମୁଣ୍ଡରେ ପଥର ଛେଚି ମାରିବା ପାଇଁ ଉଦ୍ୟମ କରିଥିଲେ। ଘଟଣା ସଂପର୍କରେ ପୁଲିସକୁ ଅବଗତ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଯୁବକଙ୍କ ଧମକ ଯୋଗୁଁ ପରିବାର ଲୋକମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।ତେବେ କୌଶଳକ୍ରମେ ଯୁବତୀ ଜଣକ ସେଠାରୁ ଖସି ଆସି ଘରେ ସବୁ କଥା ଜଣାଇଥିଲେ। ପରେ ତାଙ୍କୁ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୀଡିତାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚାରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବର୍ଷାରେ ବେହାଲ ମାଲକାନଗିରି

### ଦୁଇଟି ବ୍ଲକକୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍

ମାଲକାନଗିରି,୨୫।୭(ନି.ପ୍ର.) ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଗତକାଲି ଠାରୁ ବର୍ଷା ଲାଗି ରହିଥିବାରୁ ଜିଲ୍ଲାର ସମସ୍ତ ତଳିଆ ବ୍ରିଜକୁ ଛୁଇଁଛି ପାଣି। ଅପରାହ୍ଣ ୫ଟାରେ ରିପୋର୍ଟ ଲେଖାଯିବା ବେଳକୁ କାଲିମେଳା ଓ ପଡିଆ ରାସ୍ତାରେ ରହିଥିବା କନ୍ୟାଶ୍ରମ ବ୍ରିଜ ଉପରେ ୩ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ କାଲିମେଳା ଓ ପଡିଆ ବ୍ଲକକୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ଜିଲ୍ଲାର କାଙ୍ଗରୁକୋଣ୍ଡା, ଏମଭି-୯୦ ବ୍ରିଜ ମଧ୍ୟ ବିପଦ ସଂକେତ ତଳେ ରହିଛି। ବର୍ଷା ଲାଗି ରହିଲେ ପୋଟେରୁ ବ୍ରିଜ ବୁଡିବ। ଫଳରେ ଜିଲ୍ଲା ସହ ଛତିଶଗଡ ଏବଂ ଆନ୍ଧ୍ରକୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍ ହୋଇଯିବ। ସେହିପରି କୋରକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତର ବାୟାପଡା ଘାଟିରେ ମାଟି ଅତଡା ଖସିବା ଯୋଗୁଁ ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି। ମୋଟୁ ଓ ମାଲକାନଗିରିକୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାନବାହନ ଚଳାଚଳ



ଜାରି ରହିଥିଲେ ମଧ୍ୟ କୌଣସି ମୁହୂର୍ତ୍ତରେ ଏହା ବିଚ୍ଛିନ୍ନ ହେବାର ସମ୍ଭାବନା ରହିଛି।ପ୍ରଶାସନ ତରଫରୁ ସମସ୍ତଙ୍କୁ ସତର୍କ କରାଯାଇଛି। ତଳିଆ ଅଂଚଳର ଲୋକଙ୍କୁ କିପରି ଉପରକୁ ଅଣାଯିବ ସେନେଇ ପ୍ରଶାସନ ସଜବାଜ ହେଉଛି। ପ୍ରତିବର୍ଷ ପୋଟେରୁ ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁପୋଟେରୁ ଗାଁ ବୁଡିରହେ। ତେଣୁ ଏଥର ମଧ୍ୟ ବର୍ଷା ଲାଗି ରହିଲେ ପୂର୍ବାବସ୍ଥା ଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପୋଟେରୁ ଗ୍ରାମବାସୀ ଏବେ ଠାରୁ ସତର୍କ ହେଲେଣି। କୌଣସି ମୁହୂର୍ତ୍ତରେ ପାଣି ଗାଁରେ ପଶିପାରେ। ତେଣୁ ଜରୁରୀକାଳୀନ ବିଭାଗ ମଧ୍ୟ ବନ୍ୟା ଉପରେ ନଜର ରଖିଛି।ମାଲକାନଗିରି ଜିଲ୍ଲାରେ ଆଜି ରେକର୍ଡ କରାଯାଇଥିବା ବର୍ଷାର ପରିମାଣ ମଧ୍ୟରୁ କାଲିମେଳାରେ ୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ବ୍ଲକରେ ୯୫ ମିଲିମିଟର, ମାଥିଲି ବ୍ଲକରେ ୬୫ ମିଲିମିଟର, ଖଇରପୁଟ ବ୍ଲକରେ ୯୫ ମିଲିମିଟର, ଚିତ୍ରକୋଣ୍ଡା ବ୍ଲକରେ ୧୧୯ ମିଲିମିଟର, କୋରକୋଣ୍ଡା ବ୍ଲକରେ ୭୨ ମିଲିମିଟର ଏବଂ ପଡିଆ ବ୍ଲକରେ ୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯଦି ଥମେ ତେବେ ତଳିଆ ବ୍ରିଜଗୁଡିକ ଉପରକୁ ପାଣି ବୋହିବା ସମ୍ଭାବନା ନାହିଁ ବୋଲି କୁହାଯାଇଛି। ତେବେ ପ୍ରଶାସନ ତରଫରୁ ସମସ୍ତ ବ୍ଲକ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି। ବିଶେଷକରି ପ୍ରତିବର୍ଷ ମୋଟୁ ଅଂଚଳ ସଂପୂର୍ଣ୍ଣ ବୁଡି ରହୁଥିବାରୁ ମୋଟୁ ଅଂଚଳରୁ ଲୋକଙ୍କୁ ଅନ୍ୟତ୍ର ଯିବାକୁ କୁହାଯାଉଛି। ଆହୁରି ଦୁଇ ଦିନ ବର୍ଷା ରହିଥିବାରୁ ଲୋକେ ଆତଙ୍କିତ ରହିଛନ୍ତି। ତେବେ ପ୍ରଶାସନ ଜିଲ୍ଲାରେ ହେବାକୁ ଥିବା ବନ୍ୟାର କିପରି ମୁକାବିଲା କରିବ ଦେଖିବାକୁ ବାକି ରହିଲା।

## ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର,୨୫।୭: ରାଜ୍ୟର ବିଭିନ୍ନ ଜିଲାରେ ଲଘୁଚାପ ଜନୀତ ବର୍ଷା ଲାଗି ରହିଥିବା ବେଳେ ବଡ଼ ଘୋଷଣା କରିଛି ପ୍ରଶାସନ। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜର ସବୁ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଲାଗି ରହିଛି ବର୍ଷା । ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ରାଜ୍ୟର ୪ ଜିଲ୍ଲାକୁ ରେଡ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେ ସବୁ ଜିଲା ହେଉଛି ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ ଏବଂ ବାଲେଶ୍ୱର । ତେବେ ଅତି ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ମୟୂରଭଞ୍ଜ ଜିଲାର ସବୁ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି।



## ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ କୋଠାର ଶୁଭ ଉଦ୍‌ଘାଟନ

**ଆଠମଲ୍ଲିକ,୨୫।୭:(ମନ୍ଥନ)**ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ରେ ଥିବା ସୋଳପଦା+୨ ବିଜ୍ଞା କୋଠା ଶୁଭ ଉଦ୍‌ଘାଟନ ଗୁରୁବାର ଦିନ ଆଠମଲ୍ଲିକ ବିଧାୟକ ଇଁ  ନଳିନୀ କାନ୍ତ ପ୍ରଧାନ ଙ୍କ ଦ୍ବାରା ଉଦଘାଟିତ ହୋଇ ଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ପ୍ରବୀଣ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ  ସମ୍ମାନିତ ଅତିଥି ଭାବେ ଅନୁଗୁଳ ଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଆଠମଲ୍ଲିକ ଉପ ଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଁଟିସ ମହାନନ୍ଦିଆ। ଓ ଷୋଳପଦା ସ୍ନାତକ ମହାବିଦ୍ୟାଳୟ ର ଅଧକ୍ଷା ପ୍ରତିମା ବାଘ , ଠାକୁରଗଡ଼ ସରପ ଚ୍ଛରୁଲତା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଠାକୁରଗଡ଼ ର ଷୋଳପଦା ଅ  ଳର ଅନଗ୍ରସର ବର୍ଗ , ତଫସିଲଭୁକ୍ତ ଜାତି ଓ ଜନଜାତିର ଛାତ୍ର ଛାତ୍ରୀ ମାନେ ସ୍ୱଳ୍ପ ଖର୍ଚ୍ଚରେ ଏଠାରେ ଅଧ୍ୟୟନ କରି ପାରିବେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଅଂଶ ଗ୍ରହଣ କରିଥିଲେ ।

## ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସଭାପତିଙ୍କ ପରଲୋକ ଜନିତ ଶୋକ ସଭା

**ଅନୁଗୋଳ,୨୫।୭:(ମନ୍ଥନ)** ସାନ୍ଧ୍ୟ ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ଡ଼ାସତ୍ୟନାରାୟଣ ସିଂହ ସାମନ୍ତଙ୍କ ପରଲୋକ ତା୨୦/୦୭/୨୦୨୫ ରିଖ ଜନିତ ଏକ ସ୍ମୃତିସଭା ଆୟୋଜନକରଯାଇଥିଲାୟ ଉକ୍ତ ଶ୍ମୃତି ସଭାରେ ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତହୋଇଯାଇଛି । ଏଥରେ ସାନ୍ଧ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟର ପୂର୍ବତନ ସଂପାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା,ପୂର୍ବତନ କୋଷାଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବେହେରା ଓ ଶିକ୍ଷାବିତ ତଥା ସାହିତ୍ୟିକ ଶ୍ରୀଯୁକ୍ତ କୁଳମଣି ନାୟକ,ଅନୁଷ୍ଠାନର ସମସ୍ତ କର୍ମଚ୍ଛରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଡ଼ା ସତ୍ୟନାରାୟଣ ସିଂହ ସାମନ୍ତଙ୍କ ଏକାଧାରାରେ ଜଣେ ସୁ ସାହିତ୍ୟିକ ଆଶୁ କବି, ସମାଜସେବୀ, ଭଦ୍ର, ଅମାୟିକ ଓ ପରୋପକାରୀ ବ୍ୟକ୍ତି ଥିଲେ । ଡ଼ାସାମନ୍ତ ଏହି ଅନୁଷ୍ଠାନର ପୂର୍ବତନ ପରିଚ୍ଛଳନା କମିଟିର ସଭାପତି ପଦବୀରେ ଦୀର୍ଘ ଦିନ ଧରି ସୂଚ୍ଛରୁ ରୂପେ କାର୍ଯ୍ୟତୁଲାଇ ଆସିଥିଲେ । ଶୃତି ସଭାର ପ୍ରାରମ୍ଭରେ ତାଙ୍କର ପରଲୋକଗତ ଆତ୍ମାର ସଦ ଗତି ପାଇଁ ୧ମିନିଟ ନୀରବପ୍ରାର୍ଥନା ସହିତ ସଭାକାର୍ଯ୍ୟ ଆରମ୍ଭ ହୋଇ ବକ୍ତାମାନେ ଡ଼ା ସାମନ୍ତଙ୍କ ବହୁମୂଖୀ ପ୍ରତିଭାର ଗୁଣଗାନ କରିବା ସହ ତାଙ୍କବିୟୋଗରେ ଅନୁଷ୍ଠାନର ଏକ ବଡ କ୍ଷତି ହେଲାବୋଲି ମନ୍ତବ୍ୟ ଦେଇଥିଲେ । ପେଷାରେ ଆର୍ଯୁବେଦିକ ଡାକ୍ତରହେଲେ ମଧ ସେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ହସ ହସ ବଦନରେ ସାହାର୍ଯ୍ୟ କରିବା ତାଙ୍କର ଏକସହଜାତ ଗୁଣ ଥିଲା । ସ୍ୱାର୍ଥ ବିହୀନ ସେବା ଯୋଗାଇ ଦେବା ଗୁଣ ତାଙ୍କ ପାଖରେ ଭରି ରହିଥିଲା । ଅନ୍ୟକୁ ସେବାଯୋଗାଇ ନିଜେ ଖୁସି ହେବା ଡ଼ା ସାମନ୍ତଙ୍କ ଏକ ସ୍ବତନ୍ତ୍ର ଗୁଣ ଡ଼ା ସାମନ୍ତଙ୍କ ଗୁଣ ଯେତେ ପ୍ରକାଶ କରି ବର୍ଣନା କଲେମଧ ତାହା ତାଙ୍କ ପାଇଁ କମ ହେବ ବୋଲି ସମସ୍ତ ବକ୍ତା ପରିପ୍ରକାଶ କରିଥିଲେ । ତାଙ୍କ ପରିବାର ପାଇଁ ଯେଉଁଅପୂରଣୀୟ କ୍ଷତି ଘଟିଛି ପରମେଶ୍ୱର ତାଙ୍କ ପରିବାର ବର୍ଗଙ୍କୁ ସାହା ହୁଅନ୍ତୁ, ଏହାହିଁ ଆମର କାମନା ।

## ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶୋକସଭା ଓ ସାମୁହିକ ଦୀପ ଦାନ

**ଅନୁଗୋଳ,୨୫।୭:(ମନ୍ଥନ)** ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଜନିତ ମୃତ୍ୟୁ ସାରା ରାଜ୍ୟରେ ନାରୀ ଅସୁରକ୍ଷିତ ଓ ନ୍ୟାୟ ପାଇବାରେ ଅବହେଳିତ ବୋଲି ହୃଦୟଙ୍ଗମ କରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ତାଙ୍କ ଏକାଦଶାହକୁ ଶୋକ ପ୍ରକାଶ କରିବା ସହ ସାମୁହିକ ଦୀପ ଦାନ କରାଯାଇଛି । ଆଜି ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ତାପରେ ତାଙ୍କ ଆତ୍ମାର ଶାନ୍ତି ପାଇଁ ସାମୁହିକ ଦୀପ ଦାନ କରି ରାଜ୍ୟର ସମସ୍ତ ନାରୀ ଆଜି ଅସୁରକ୍ଷିତ ଓ ଉଚିତ ନ୍ୟାୟ ପାଇବାରୁ ବ  ିତ ହୋଇ ଏହିଭଳି ଅକାରଣରେ ବହୁ ମୂଲ୍ୟବାନ ଜୀବନକୁ ହରେଇ ଦେଉଛନ୍ତିୟ ଏଣୁ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଏ ରାଜ୍ୟରେ କିଭଳି ନାରୀମାନେ ନ୍ୟାୟ ପାଇବେ ଓ ରାଜ୍ୟରେ ଦିନକୁ ଦିନ ବଢି ଚ୍ଛଲୁଥିବା ନାରୀ ନିଯାତନା ହ୍ରାସ ପାଇବ ପ୍ରାର୍ଥନା କରିଥିଲେ । ଆଜିର ଏହି ଶୋକସଭା ଓ ଦୀପ ଦାନରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସନତ ପ୍ରଧାନ, ଭଜମନ ଦାସ, ସହଦେବ ବେହେରା, ଅଳକା ମହାପାତ୍ର, କସିଦା ଖାନ, ରମାକାନ୍ତ ପ୍ରଧାନ, କୁନା ସିଂହ, ମହମ୍ମଦ ଓ୍ୱାଲି ହୁସେନ୍ ଖାନ, ବାସୁଦେବ ସାମଲ, ବରୁଣ ସାହୁ, ସନ୍ତୋଷ ଭୋଇ, ପ୍ରଫୁଲ୍ଲ ମୁଖା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ବୋଲି ଏକ ପ୍ରେସ ଇସ୍ତାହାରରେ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି ।

## ପଟ୍ଟାମୁଣ୍ଡାଇ ବିଇଓଙ୍କ ଜାଲିଆତିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ

**ପଟ୍ଟାମୁଣ୍ଡାଇ,୨୫।୭:(ମନ୍ଥନ)**ବିଭିନ୍ନ ଜାଲିଆତିରେ ସମ୍ପୃକ୍ତ ଥାଇ ଉପର ମହଲକୁ ହାତବାରିସୀ କରି ନିଜର ଚ୍ଛକିରୀ ବ  ାଇବା ସହିତ ପଦୋନ୍ନତି ପରେ ପଦୋନ୍ନତି ହାସଲ କରିବାରେ ସଫଳ ହୋଇଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକର ନବ ନିଯୁକ୍ତ ବ୍ଲକ ଶିକ୍ଷାଧକାରୀ ଅଜିତ ବାରିକ  । ବିଜେପି ସରକାରଙ୍କ ସ୍ୱଚ୍ଛନିର୍ମଳ ଶାସନକୁ ଚ୍ୟାଲେଞ୍ଜ କରି ସରକାର ଓ ଶିକ୍ଷା ବିଭାଗ ପଦସ୍ଥ ଅଧିକାରୀଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ନିଜର ଜାଲିଆତି ସାମ୍ରାଜ୍ୟ ବିସ୍ତାର କରିଛନ୍ତି । ଶିକ୍ଷାବିତ ଅକ୍ଷୟ ପରିଡା ପଟ୍ଟାମୁଣ୍ଡାଇ ବି ଇ ଓ ଙ୍କ ଜାଲିଆତି ସମ୍ପର୍କରେ ସରକାରଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବୀ କରିବା ପରେ ରାଜ୍ୟ ଏଲିମେଣ୍ଟାରୀ ଶିକ୍ଷା ନିର୍ଦ୍ଦେଶକ ସରକାରୀ ଚିଠିନଂ ୧୨୨୦୨ରେ ବି ଇ ଓ ଅଜିତ ବାରିକଙ୍କ ଜାଲିଆତି ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ୟାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ  । ତଦନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ଏକ ତଦନ୍ତ କମିଟି ଗଠନ କରିଥିଲେ । ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଚିଠି ନଂ ୬୫୬୮ଏମ ରେ ଜଣ୍ଟିଲୋ ପ୍ରାଥମିକ ବିଦ୍ୟାଳୟ, ବାଲିଆ ହାଇସ୍କୁଲ,ବାଲିଆ ୟୁ ପି ସ୍କୁଲ, ଓରସିକା ଏମ ଇ ସ୍କୁଲ,ହାଟ ବାଣପୁର ୟୁ ପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଚିଠି କରି ପଟ୍ଟାମୁଣ୍ଡାଇ ବିଇଓ ଅଜିତ ବାରିକ ଙ୍କବାପା ନାମ ଓ ଜନ୍ମତାରିଖ ସମେତ ସମସ୍ତ ଜାଲିଆତିର ରିପୋର୍ଟ ଦେବାକୁ ନିର୍ଦେଶ ଦେଇଛନ୍ତି  । ଯାହାଫଳରେ ପଟ୍ଟାମୁଣ୍ଡାଇ ବିଇଓ ଅଜିତ ବାରିକଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି ।

## ଡେଲାଙ୍ଗ ବ୍ରା    କେନାଲରେ ୫୦ ଫୁଟର ଘାଇ ଏକର ଏକର ଚ୍ଛଷ ଜମି ଜଳମଗ୍ନ

**ପିପିଲି,୨୫।୭:(ମନ୍ଥନ)**ପିପିଲି ବ୍ଲକ ଗୋବିନ୍ଦପୁର ଗ୍ରାମପ  ାୟତ ଅନ୍ତର୍ଗତ ଜଇଶପାଟଣା ନିକଟରେ ଡେଲାଙ୍ଗ ଶାଖା କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ରେ ଘଳିଆ ପଡି ୫୦ ଫୁଟରୁ ଅଧିକ ବଡ ଘାଇ ହୋଇଛି । ଘାଇ ହେବା ଦ୍ୱାରା କେନାଲ ପାଣି ଦୁଇଟି ମାଛ ପୋଖରୀ ସମ୍ପୂର୍ଣ୍ଣ ବୁଡିଯିବା ସହିତ ଏକର ଏକର ଚ୍ଛଷ ଜମି ଏବେ ଜଳାର୍ଣ୍ଣବ ହୋଇଛି । କେତକ ଜମିରେ ଧାନ ରୁଆ । ହୋଇଥିବାରୁ ଧାନସବୁ ପାଣିରେ ବୁଡି ରହିଛି । ଏହି କେନାଲ ପିପିଲି ବ୍ଲକ ବାରମଣା ଠାରୁ ବାହାରି ଡେଲାଙ୍ଗ ପର୍ଯ୍ୟନ୍ତ ଯାଇଛି । ଏହି କେନାଲ ଉପରେ ଦୁଇ ବ୍ଲକ ର ହଜାର ହଜାର ଚ୍ଛଷୀ ଚ୍ଛଷ କାର୍ଯ୍ୟ ପାଇଁ ନିର୍ଭରଶୀଳ ଅଟନ୍ତି । ଚ୍ଛଷୀଙ୍କର ଧାନ ରୁଆ କାର୍ଯ୍ୟ ଚ୍ଛଲି ଥିବାରୁ କେନାଲପାଣିର ଆବଶ୍ୟକତା ଦୃଷ୍ଟିରୁ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପାଣି ଯୋଗାଇ ଦିଆଯାଇଥିଲା । କେନାଲ ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ସ୍ଥାନରେ ଘଳିଆ ପଡି ଘାଇ ସୃଷ୍ଟି ହୋଇଥିଲା । ଏହି ଘାଇକୁ ଜଳସେଚନ ବିଭାଗ ପିପିଲି ପକ୍ଷରୁ ଏସଡିଓ ବିଚିତ୍ରାନନ୍ଦ ମାଝିଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତୁ କୃଷ୍ଣ ନନ୍ଦ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତନ୍ମୟ କୁମାର ବେହେରା ପ୍ରମୁଖ ଉପସ୍ଥିତି ରହି ଯୁଦ୍ଧକାଳୀନ ଭିତିରେ କେନାଲ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି ।

## ନାରୀ ନିର୍ଯାତନା ନିରାକରଣ,ଆଇନ ସଚେତନତା ଓ କାର୍ଯ୍ୟ କ୍ଷେତ୍ରରେ ସଭାବ କର୍ମଶାଳା

**ଚଣ୍ଡିଖୋଲ,୨୫।୭:(ମନ୍ଥନ)** ଯାଜପୁର ଜିଲ୍ଲା । ଅନ୍ତର୍ଗତ ବଡଚଣା ସ୍ଥିତ ନୁଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ର ନିର୍ଦ୍ଦେଶ କ୍ରମେ ନାରୀ ନିର୍ଯାତନା ନିବାରଣ ଆଇନ୍ ସଚେତନତା ଓ କାର୍ଯ୍ୟକ୍ଷେତ୍ରରେ ସଭାବ ତଥା ୟୁ ଜି ସି, ନିୟମାବଳୀ ୨୦୧୫ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର କର୍ମଶାଳା ମହାର୍ବିଦ୍ୟାଳୟ ଆଭ୍ୟନ୍ତରୀଣ ସମିତି ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ସଂଜୋଜିକା ଡକ୍ଟର ସରିତା ସେଠୀ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ର ମନସ୍ତତ୍ତ୍ୱ ବିଭାଗ ର ମୂଖ୍ୟ ଡକ୍ଟର ସୁମିତ୍ରା ନନ୍ଦ ଯୋଗଦେଇ ନାରି ନିର୍ଯାତନା ନିବାରଣ ଆଇନ୍ ୨୦୧୩ ଓ ୟୁ ଜି ସି ନିୟମାବଳୀ ୨୦୧୫ ସମ୍ପର୍କିତ ବହୁ ତଡ୍‌ଭିତ୍ତିକ ତଥ୍ୟ ମାନ ତର୍ଜମା କରିବା ସହିତ ନାରୀ ମାନସିକତାର ପରିବର୍ତ୍ତନ ହିଁ ସମାଜକୁ ସୁଦୃଢ଼କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୂଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ପବିତ୍ରମୋହନ ମାହା ଲା ଧୈର୍ଯ୍ୟ, ସହନଶୀଳତା, ତଥା ଉତ୍ତମ ବିଚରବୋଧ ନାରୀ ନିର୍ଯାତନା କୁ ପ୍ରତିହତ କରିବବୋଲି ପୁରାଣ ପୃଷ୍ଠାରୁ ବହୁ ଉପାଦେୟ ଦୃଷ୍ଟାନ୍ତ ମାନ ଦର୍ଶାଇବା ସହ ଆତ୍ମହତ୍ୟା ନୁହେଁ ବରଂ ଆତ୍ମବଳ ହିଁ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେୟ ସଂଯୋଜୀକା ଡକ୍ଟର ସରିତା ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କର୍ମଶାଳା ର ଆଭିମୁଖ୍ୟ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଅଧାପକ ନାରାୟଣ ମୁଦୁଲି, ଅଶୋକ କୁମାର ସାହୁ, ନାରୀ ସୁରକ୍ଷା ଓ ସାମାଜିକ ସଚେତନତା ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟମା ନ ଉପସ୍ଥାପନ କରି ଥିଲେ । କମିଟିର ସଦସ୍ୟକ୍ଷ ଅଧାପିକା ନିରୁପମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅଧାପକ ଗିରିଶ ରାଉଳ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ ,ଅଧାପିକା, ତଥା ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ କର୍ମଶାଳା କୁ ସଫଳ କରିଥିଲେ । ଶେଷରେ ଅଧାପିକା ଗୀତାଞ୍ଜଳୀ ମହାନ୍ତି ଛାତ୍ର ଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ ।



## କଲଭର୍ଟ ଭୁଶୁଡି ଅଣ୍ଟରା ଗିରିସାହି ଓ ବ୍ରାହ୍ମଣସାହିକୁ ଯୋଗାଯୋଗ ବିଚ୍ଛିନ୍ନ

**ପଟ୍ଟାମୁଣ୍ଡାଇ,୨୫।୭:(ମନ୍ଥନ)** ଅଣ୍ଟରା ପ  ାୟତ ଅନ୍ତର୍ଗତ ଗିରିସାହି ଓ ବ୍ରାହ୍ମଣସାହିକୁ ସଂଯୋଗ କରୁଥିବା କଲଭର୍ଟର ସାଇଡ ଓ୍ୱାଲ ଗତକାଲି ବିଳମ୍ବିତ ରାତିରେ ଧସି ଯିବା ପରେ ଗୁରୁବାର ସକାଳ ଠାରୁ ଯାତାୟାତ ବନ୍ଦ ହୋଇଯାଇଛି । ପ୍ରାୟ ୩୦ବର୍ଷ ତଳେ ନିର୍ମାଣ ହୋଇଥିବା ୧୫ ଫୁଟ ଲମ୍ବର ଏହି କଲଭର୍ଟଟି ଚଳିତ ବନ୍ୟା ପୂର୍ବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା । ଏହାର ମରାମତିଓ ପୁନଃ ନିର୍ମାଣ ପାଇଁ ବାରମ୍ବାର ଦାବୀ ପରେ ମଧ୍ୟ କ  ୍ତୃପକ୍ଷ ଅବହେଳା କରିବାରୁ  ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଓ ଗତ ୧ ସପ୍ତାହ ଧରି ବନ୍ୟା ଲାଗି ରହିବାରୁ ବନ୍ୟାଜଳର ପ୍ରଖରସ୍ରୋତରେ ସାଇଡଓ୍ୱାଲ ବା ପ୍ରାଚୀର ଧସି ପଡିଲା ଓ ଯାହାଫଳରେ ଅଣ୍ଟରା ପ  ାୟତର ୬ ନମ୍ବର ଓ୍ୱାର୍ଡର ଅଧିବାସୀମାନେ ଯାତାୟାତ କ୍ଷେତ୍ର ରେ ଅସୁବିଧା ଭୋଗ କରିବା ସହିତ ୬ନଂ ଓ୍ୱାର୍ଡ ସଂପୂର୍ଣ୍ଣ ବିଛିନ୍ନ ହୋଇ ପଡ଼ିଛି । ଅଣ୍ଟରା ସ୍କୁଲରେ ଅଧୟନ କରୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କର ସ୍କୁଲ ଯିବା ବନ୍ଦ ହୋଇ ଯାଇଛି । ପଟ୍ଟାମୁଣ୍ଡାଇ ବିଡ଼ିଓ ଏହି ପ  ାୟତ ସଡ଼କ କଲଭର୍ଟକୁ ତୁରନ୍ତ ଜାଫରି ଓ ବାଲିବସ୍ତା ଦେଇ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।



## ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

**କଟକ,୨୫।୭:(ମନ୍ଥନ)** ଆଜି ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ବାଙ୍କୀ ବିଧାନସଭା ର୍ନିବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।  ବିଧାୟକ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ପୂ ର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଡ୍ରେନେଜ ଆଦି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ର୍ନିବାଚିତ ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପରିଷଦର ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଥିଲା । ଉପଖଣ୍ଡ ଅ  ଳର ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣଧିନ ଅବସ୍ଥାରେ ଚ୍ଛଲୁ ରହିଥିବା ରାସ୍ତା କାର୍ଯ୍ୟକୁ ଆସନ୍ତା ୨୦୨୬ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ରାସ୍ତା ମରାମତି ଉପରେ ମଧ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ନିର୍ମାଣଧିନ କଇମୁଣ୍ଡି, ରାମଚନ୍ଦ୍ରପୁର ସେତୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହ ଜଳମଗ୍ନ ହୁଲୁହୁଲା ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥଲେ । ବସ୍ତିଆ- ସୁବର୍ଣ୍ଣପୁର ରାସ୍ତାର ବିକଳ୍ପ ରାସ୍ତା, ପୂର୍ତ୍ତ ବିଭାଗ ଦ୍ୱାରା ଚ୍ଛଲୁରହିଥିବା  ତ୍ରିଶୁଲିଆ-ବାରଙ୍ଗ,ଡମପଡା-ତାଳବସ୍ତ  ଚୌଦ୍ୱାର ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ତ୍ରିଶୁଳିଆ-ନରାଜ ରାସ୍ତା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ ଅବଗତ ହୋଇଥିଲେ । ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଖଣ୍ଡ ଅଧିନସ୍ଥ ବିଜ୍ଞାପିତ ଅ  ଳରେ ଚ୍ଛଷଜମି ଉନ୍ନତି କରାଯିବା ନିମନ୍ତେ ଏକ ବିବରଣୀ ପ୍ରସ୍ତୁତି କରାଯିବା ସମ୍ପର୍କରେ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ସମଗ୍ର ଅ  ଳରେ ପ୍ରସ୍ତାବିତ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଏବଂ ମେଗା ଜଳ ସେଚନ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ସମ୍ବନ୍ଧରେ  ତଥା ସାଧାରଣ ଚ୍ଛଷୀଙ୍କ ନିମନ୍ତେ ମେଗା ଜଳସେଚନ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ମାଧମରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ପୂର୍ବକ ଏହି ବୈଠକରେ ବିଧାୟକ ମା ଚର୍ଚ୍ଚିକା ମନ୍ଦିର ଉନ୍ନତିକରଣ, ବାଙ୍କୀ ବିଦ୍ୟାଳୟର ମୁଖ୍ୟଦ୍ୱାର ନିର୍ମାଣ, ଜନଗହଳି ଟୁଇନ-ସିଟି ରାସ୍ତାକୁ କୁଆଖିଆ-ପ୍ରତାପ ନଗରୀ ପଟୁ ସଂଯୋଗ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ପରିଶେଷରେ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକୃତ ହିତାଧିକାରୀଙ୍କୁ ଯଥା ସମୟରେ ଭ  । ପ୍ରଦାନ କରାଯିବା ଏବଂ ନୂତନ ହିତାଧିକାରୀ ଚୟନ କରାଯିବା ଉପରେ ଗୁରୁ ଦେଇ ବାଙ୍କୀ ଉପଖଣ୍ଡର ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପୂର୍ବକ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡିକ ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ ।



## ବୁଗୁଡ଼ା କୋର୍ଟର ୧୬ତମ ପ୍ରତିଷ୍ଠା ଦିବସ ପାଳିତ

**ବୁଗୁଡ଼ା,୨୫।୭:(ମନ୍ଥନ)** ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚ୍ଛର ବିଭାଗୀୟ ଅଦାଲତର ୧୬ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଚ୍ଛରପତି ସୁଧାଶ୍ରୀ ସୁରଝାଲିଆ । ଯୋଗ ଦେଇ ଏହି ଅଦାଲତ ପ୍ରତିଷ୍ଠା ଦ୍ୱାରା ଅ  ଳବାସୀ ନ୍ୟାୟିକ ପ୍ରକ୍ରିୟା କ୍ଷେତ୍ରରେ ଉପକୃତ ହୋଇପାରିଥିବା ନେଇ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ସିମା  ଳ ନନ୍ଦ, ଅଧିବକ୍ତା ରବିନ୍ଦ୍ର କୁମାର ପଣ୍ଡା, ଦେବୀ ନିବେଦିତା ଚୌଧୁରୀ, ଟି.ସୁଦର୍ଶନ ପାତ୍ର, କେ.ତ୍ରିଲୋଚନ ଦୋରା, ଦୁର୍ଗା ମାଧବ ପଣ୍ଡା, ମାନସ ରଞ୍ଜନ ଦାଶ, ସତ୍ୟ ନାରାୟଣ ମିଶ୍ର, ପ୍ରକାଶ ଚନ୍ଦ୍ର ଭୂୟାଁ, ପ୍ରଭାତ କୁମାର ଜେନା, ସୁଜିତ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଓକିଲମାନେ ଉପସ୍ଥିତ ରହିଥିଲେ  । ବରିଷ୍ଠ ଅଧିବକ୍ତା ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଓକିଲ ସଂଗ୍ରାମ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମାଇଁ ଚରଣ ପାଣିଗ୍ରାହୀଙ୍କ  ପ୍ରଥମ ବାର୍ଷିକ ଶ୍ରାଦ୍ଧ

**ବଲାଙ୍ଗୀର,୨୫।୭:(ମନ୍ଥନ)**ଆଧୁନିକତାର ପ୍ରଭାବରେ ହଜି ଯାଉଥିବା ଆମଅ  ଳର ପ୍ରାଚୀନ କୀର୍ତ୍ତିରାଜି, ବିଭିନ୍ନ ବ୍ୟବହୃତ ଜିନିଷ ସଂଗ୍ରହ କରି କୋସଲି ମ୍ୟୁଜିୟମ ପ୍ରତିଷ୍ଠା କରିଥିବା ସ୍ୱର୍ଗତ ନିମାଇଁଚରଣ ପାଣିଗ୍ରାହଙ୍କ  ଲୋକ ସାହିତ୍ୟ ର ସଂଗ୍ରହ,ସଂପାଦନା ଓ ପ୍ରକାଶନ ଧାରାରେ କୋସଲି ଲୋକ ସାହିତ୍ୟ ବର୍ଗ ରେ ଲିଖିତ ପୁସ୍ତକ ଛୁଆକର ଗିତ  ଲୋକାର୍ପିତ ହୋଇଯାଇଛି । ଆଜିଥିଲା ଲୋକ ସଂସ୍କୃତି ଗବେଷକ, କବି, ପ୍ରାବନ୍ଧିକ, ଅନୁବାଦକ, ମ  ଅଭିନେତା,କୋସଲି ମ୍ୟୁଜିୟମ ପ୍ରତିଷ୍ଠାତା  ସ୍ୱର୍ଗତ ନିମାଇଁଚରଣ ପାଣିଗ୍ରାହଙ୍କ  ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସର ରେ ମୀନା ଟେ   ହାଉସ ଠାରେ ଅନୁଷ୍ଠିତ  ପୁସ୍ତକ ଲୋକାର୍ପଣ ଓ  ସ୍ମୃତି ସଭାରେ  ସ୍ରୋତସ୍ୱତୀ ପ୍ରକାଶନୀର ମୁଖ୍ୟ ସନ୍ଦୀପ କୁମାର କୁଅଁର  ସଭା ପରିଚ୍ଛଳନା କରିଥିଲେ । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ , କବି ମଧୁସୂଦନ ଦାଶ, କବି ସୁଶାନ୍ତ ବାଗ, ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର, ସୁବାଷ ଚିନ୍ତନ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୋଶଳ ପ୍ରବାହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ପଶୁକବି ସୁଶୀଲ ମିଶ୍ର, କବି ହୃଷିକେଶ ପୁରୋହିତ,  ନିହାରିକା ପାଣିଗ୍ରାହୀ,ରୁଚିମନ୍ତା ନାଏକ, ସୁରେନ୍ଦ୍ର ଦାଶ,ପୁସ୍ତମ ଯୁଆଦି ପ୍ରମୁଖ ବିଶିଷ୍ଟ ସାରସ୍ୱତ ସାଧକ, ସଂସ୍କୃତି ଗବେଷକ, ସଂଗ୍ରାହକ ନିମାଇଁଚରଣ ପାଣିଗ୍ରାହୀଙ୍କର ସାହିତ୍ୟ ର ବିଭିନ୍ନ ଦିଗ, ସଂସ୍କୃତି ଗବେଷଣା ଓ ସମର୍ପିତ ଭାବ ର ଆଲୋଚନା କରିଆଗାମୀ ପିଢୀ ସଚେତନ ଭାବରେ  ତାଙ୍କର ମ୍ୟୁଜିୟମ କୁ ସଂରକ୍ଷଣ କରି ରଖି ପାରିଲେ, ପ୍ରସ୍ତାବିତ କୋଶଳେଶ୍ୱରୀ ମନ୍ଦିର ତିଆରି କରାଯାଇ ପାରିଲେ ଓ ସଂଗୃହିତ ବିଷୟର ପ୍ରକାଶନ ହେଲେ  ଆଗାମୀ ପାଇଁ ତାହା ହେବ ଏକ ମହାର୍ଘ ସଂପଦ ବୋଲି ମତ ଦେଇଥିଲେ ।

## ପିପିଲିରେ କୁକୁଡ଼ା ମଡ଼କ,ଚିନ୍ତାରେ ଚ୍ଛଷୀ

**ପିପିଲି,୨୫।୭:(ମନ୍ଥନ)**ଡେଲାଙ୍ଗ ପରେ ଏବେ ପିପିଲି ବ୍ଲକରେ କୁକୁଡା ମଡକ ଦେଖାଦେଇଛି । ଡେଲାଙ୍ଗ ରେ ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ ରୋଗରେ କୁକୁଡା ମଡକ ହେଉଥିବା ନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛିୟ ପିପିଲିରେ କୁକୁଡା ମଡକକୁ ନେଇ ଚିନ୍ତା ବଢାଇଛି । ପିପିଲି ଗୋବିନ୍ଦପୁର ଗ୍ରାମପ  ାୟତ ରେ କୁକୁଡ଼ା ମଡ଼କ ଦେଖାଦେଇଛି । କୁକୁଡ଼ା ଚ୍ଛଷୀ ମାନେ ହଜାର ହଜାର ମଲା କୁକୁଡ଼ାକୁ ପୋତିବା ପରିବର୍ତ୍ତେ ପ  ାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ପାର୍ଶ୍ୱରି ଅଧ ରାତ୍ରିରେ ଫୋପାଡ଼ି ଦେଉଛନ୍ତି । ସେଗୁଡିକ ପଚି ସଢ଼ି ଯିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଗୋବିନ୍ଦପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ହାଇସ୍କୁଲ ଏବଂ ନୋଡାଲ ସ୍କୁଲ କୁ ଅଧ୍ୟୟନ ନିମନ୍ତେ ଆସୁଥିବା ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ କର୍ମଚ୍ଛରୀ ମାନେ ଏହି ଦୁର୍ଗନ୍ଧ ମୟ ପରିବେଶ ପାଇଁ ନାନା ବିଧି ସମସ୍ୟାର ସମ୍ମୁଖୀନ ହେଉଛନ୍ତି  । ବୁଲା କୁକୁରମାନେ ମଲା କୁକୁଡ଼ା ଗୁଡିକୁ ବୋହିନେଇ ଜନବସତି ଅଂଚଳରେ ପକାଉ ଥିବାରୁ ଭୟଙ୍କର ରୋଗ ବ୍ୟାପିବାର ସମ୍ଭାବନା ଦେଖାଦେଇଛି । ପୂର୍ବରୁ କେବେ ଏପରି କୁକୁଡ଼ା ମଡ଼କ ଦେଖିବାକୁ ମିଳିନଥିଲା  । ଏହା ବାର୍ଡ଼ ଫ୍ଲୁ ରୋଗ ବୋଲି ସାଧାରଣ ରେ ସନ୍ଦେହ ପ୍ରକାଶ ପାଇଛି । ଜିଲ୍ଲା ଓ ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି ।



## ଶ୍ରୀକର ଭଞ୍ଜ ଓପନ ୟୁନିଟ୍ ପକ୍ଷରୁ ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ

**ବୁଗୁଡା,୨୫।୭:(ମନ୍ଥନ)**ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୁଲ୍ୟରେ ଶ୍ରୀକର ଭଞ୍ଜ ଓପନ ୟୁନିଟ୍ ପକ୍ଷରୁ ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀମାନଙ୍କ ପକ୍ଷରୁ ସୈନିକ ଭାଇମାନଙ୍କ ପାଇଁ ରାକ୍ଷୀ ପଠାଇବା ବ୍ୟବସ୍ଥା ହୋଇଛି । ଛାତ୍ରୀମାନେ ନିଜ ହାତରେ ଜଗନ୍ନାଥ ,ବଳଭଦ୍ର ଓ ସୁଭଦ୍ରାଙ୍କ ରାକ୍ଷୀ ବନାଇବା ସହିତ ଧାନ, ଚ୍ଛଉଳ,ଧନିଆ ଭଳି ବିଭିନ୍ନ ସାମଗ୍ରୀରେ ରାକ୍ଷୀ ବନାଇ  ଆଜି ସକାଳ ସମୟରେ ବୁଗୁଡା ଶ୍ରୀ ବଳଦେବଜୀଉ ମନ୍ଦିରକୁ ଯାଇ ସୈନିକ ଭାଇମାନଙ୍କ ଦୀର୍ଘାୟୁ କାମନା କରି ରାକ୍ଷୀଗୁଡିକୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଡାକରେ ରାକ୍ଷୀଗୁଡିକ ସୈନିକ କାର୍ଯ୍ୟାଳୟକୁ ପଠାଯିବ । ସେଠାରେ ରାକ୍ଷୀପୂର୍ଣ୍ଣିମା ଦିନ ସୈନିକ ଭାଇମାନେ ସେହି ରାକ୍ଷୀ ପିନ୍ଧିବେ । ଶ୍ରୀକର ଭଞ୍ଜ ଓପନ୍ ୟୁନିଟର ଲିନା କୁମାରୀ ଗୌଡ଼,ପୁଷ୍ପା ପାତ୍ର,ରଚନା ମୁଳି, ରଶ୍ମିତା ଗୌଡ଼,ଝରନା ବେହେରା, ସ୍ମୃତିମୟୀ ସାହୁ,ଲିଜାରାଣୀ ଗୌଡ଼,ବର୍ଷାରାଣୀ ମହାରଣା ପ୍ରମୁଖ ଭଉଣୀମାନେ ରାକ୍ଷୀ ପ୍ରସ୍ତୁତି, ପୂଜନ ଓ ପ୍ରେରଣ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ସେମାନଙ୍କ ଏତାଦୃଶ କାର୍ଯ୍ୟ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି ।



## ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କୁ  ଗିରଫ ଦାବୀରେ କଂଗ୍ରେସ ପକ୍ଷରୁ ଥାନାରେ ଅଭିଯୋଗ

**ଜଳେଶ୍ୱର,୨୫।୭:(ମନ୍ଥନ)**ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଗତ ୨୧ ତାରିଖରେ  ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜଳେଶ୍ୱର କଂଗ୍ରେସ ତରଫରୁ ଉକ୍ତ ଘଟଣାକୁ ନିନ୍ଦା କରାଯିବା ସହିତ ଅଭିଳାଷ ପଣ୍ଡାଙ୍କୁ ଗିରଫ କରିବା ପାଇଁ ଦାବୀ କରାଯାଇଛି  । ଏହି ପରିପ୍ରେକ୍ଷୀରେ ଜଳେଶ୍ୱର କଂଗ୍ରେସ ତରଫରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଳାଷ ପଣ୍ଡାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରାଯାଇଛି  । ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ କିଶାନ କଂଗ୍ରେସ ସଭାପତି ସୁଦାମ ଚରଣ ପାତ୍ର, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ,ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ,ଫରିଦ ଅହମଦ,ଯୁବନେତା ସବ୍ୟସାଚୀ ଦାସ ,ହରିଶଙ୍କର ଜେନା ଏବଂ ଏସ କେ ଅଫସର ଅଲି ପ୍ରମୁଖ ଉପସ୍ଥିତ ଥିଲେ ।



ଆଞ୍ଚଳିକ ମନ୍ଥନ

ଶନିବାର,୨୬,ଜୁଲାଇ,୨୦୨୫ Saturday,26 July 2025, Bhubaneswar





# ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପୂର୍ବ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୨୫।୭:(ମନ୍ଥନ)ଆଜି ଅପରାହ୍ନ ରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆଗାମୀ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ କୁମାର ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଏଡିଇଓ ରିନା କୁମାରୀ ବେହେରା, ଏସଡିଓ ଜନସ୍ୱାସ୍ଥ୍ୟ ବିଭାଗ ଇଂ ରାଜେଶ କୁମାର ବେହେରା, ଅତିରିକ୍ତ ପରିବହନ ଅଧିକାରୀ କିଶୋର କୁମାର ଦେ, ଏସଡିପିଓ ସରୋଜ କୁମାର ଉପଧ୍ୟାୟ, ଆଇଆଇ, ପୋଲିସ ପ୍ରଦୀପ୍ତ କୁମାର ଦେବତା, ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ ,ବିଭିନ୍ନ ବିଭାଗର ଅଧିକାରୀ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ର କର୍ମକର୍ତ୍ତା ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର କର୍ମକର୍ତ୍ତା ଓ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ଯ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ କୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ । ବୈଠକର ନିଷ୍ପତ୍ତି ପ୍ରକାରେ ତା.୧୫.୦୮.୨୦୨୫ରିଖ ସ୍ୱାଧୀନତା



ଦିବସ ଦିନ ପ୍ରାତଃ ୪ ଘଟିକା ସମୟରେ ରାମଧୁନ ,ସକାଳ ୬ ରୁ ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ,ସକାଳ ଘ.୭.୦୦ମି ରୁ ଘ.୮.୦୦ମି ମଧ୍ୟରେ ସରକାରୀ ,ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ,ସକାଳ ଘ.୭.୩୦ମି ରୁ ଘ.୭.୪୫ମି ମଧ୍ୟରେ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସକାଳ ଘ.୦୯.୧୫ମି ସମୟରେ ମନୋହରପୁର ରିଜର୍ଭ ପୋଲିସ ପଡିଆ ରେ ଆନୁଷ୍ଠାନିକ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଦିବସର ମୁଖ୍ୟ ଅତିଥି ସକାଳ ଘ.୦୯.୧୫ମି ସମୟରେ ଆନୁଷ୍ଠାନିକ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିବେ । ସମ୍ମିଳିତ ପ୍ୟାରେଡ ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ, ଗୃହ ରକ୍ଷୀ ବାହିନୀ,ପୋଲିସ କଲର ପାର୍ଟିଙ୍କ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଏନସିସି ,ସ୍କାଉଟ ,ଗାଇଡ ,ରେଡକ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଂଗୀତ, ଚିତ୍ରାଙ୍କନ, ସ୍ୱାଧୀନତା ସଂଗ୍ରାମୀ ବେଶ, ଓଡିଆ,ହିନ୍ଦୀ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଗୁଡିକ ଆଗାମୀ ଅଗଷ୍ଟ ୧ ତାରିଖ ଠାରୁ ୦୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏତଦବ୍ୟତୀତ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଉଚ୍ଚ ମାଧ୍ୟମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ସ୍ନାକତର ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ତଥା ବିଭିନ୍ନ କ୍ଷେତ୍ର ରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବଲାଙ୍ଗିର ଜିଲ୍ଲା କୁ ଗର୍ବାନ୍ୱିତ କରିଥିବା ପ୍ରତିଭା ମାନଙ୍କୁ ପୁରସ୍କୃତ କରାଯିବ । ପ୍ୟାରେଡ ଉତ୍ସବ ପରେ ଜିଲ୍ଲା କାରାଗାର ର ଅନ୍ତେବାସୀ ,ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଚିକିତ୍ସାଧୀନ ରୋଗୀ ଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ପାର୍ବତୀଗିରି ବାଳ ନିକେତନ, ପଥରଚେପା, ହରେକୃଷ୍ଣ ମହତାବ ମାନସିକ ଅନଗ୍ରସର ସଂସ୍ଥାନ, ଉତ୍କଳବନ୍ଧୁ ସେବା ଶ୍ରମ, ତୁଳସୀନଗର ଓ ଡେଷ୍ଟିଚ୍ୟୁଟ ହୋମର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ପୁଇଁତଳା ସ୍ଥିତ କୁଷ୍ଠ କଲୋନୀ ଅନ୍ତେବାସୀ ଙ୍କୁ ବସ୍ତ୍ର ବଣ୍ଟନ କରାଯିବ । ଅପରାହ୍ନ ଘ. ୦୪.୦୦ମି ସମୟରେ ସ୍ଥାନୀୟ ମିଶନ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ । ବୈଠକ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, କେଶବ ବାଗ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

# ବିପ୍ଲବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା,୨୫।୭:(ମନ୍ଥନ)ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ନୂତନ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କମିଟି ସଭାପତି ବରିଷ୍ଠ ଆଇନିଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ପରାମର୍ଶ କ୍ରମେ କମିଟି ସାଧାରଣ ସମ୍ପାଦକ ଆଇନିଜୀବୀ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସଂଯୋଜକ ସଞ୍ଜୟ କୁମାର ଜେନା, ସତ୍ୟବ୍ରତ ସିଂ, ଧିରେନ୍ଦ୍ର ଦାସ, ଗୋଲଖ ପରିଡା, ନିରଞ୍ଜନ ବଳ, ଅକ୍ଷୟପ୍ରିୟ ଦାସ, ଗବେଷକ ନିରଞ୍ଜନ ମେକାପ, ଉପଦେଷ୍ଟା କରୁଣାକର ଦାସ, ସ୍ମୃତିରଞ୍ଜନ ନାୟକ, ମୃତ୍ୟୁଞ୍ଜନ ସାହୁ, ଆଲୋକ ସାହୁ, ଶେଷଦେବ ପ୍ରସାଦ ଦାସ ପ୍ରମୁଖ ଜିଲ୍ଲାପାଳ ଶ୍ରୀ ଆୟାରଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସମେତ ସ୍ୱର୍ଗତ ଜେନାଙ୍କ ଜୀବନୀ ପୁସ୍ତକ ଅଗ୍ନିପୁତ୍ର ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନା ପ୍ରଭୃତି ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହିତ ଗାନ୍ଧିଜୀଙ୍କ ସାବରମତି ଆଶ୍ରମର ପ୍ରଥମ ଓଡିଆ ଛାତ୍ର ସ୍ୱର୍ଗତ ଜେନାଙ୍କ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରାପଡାର ତେଜ ତନ୍ମୟ ପ୍ରଥମ

କେନ୍ଦ୍ରାପଡ଼ା,୨୫।୭:(ମନ୍ଥନ)ଓଡିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେ ଜାଭିୟର ହାଇସ୍କୁଲର ଛାତ୍ର ତେଜ ତନ୍ମୟ ୨ୟ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରାପଡା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ବିଜୟକେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ମୁଖ୍ୟ ସଚିବ ଦେବପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ତେଜ ତନ୍ମୟଙ୍କୁ ମୋମେଣ୍ଟୋ, ପ୍ରମାଣପତ୍ର ଓ ୫ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ସାହିତ୍ୟ ଏକାଡେମୀର ସଭାପତି ଚନ୍ଦ୍ରଶେଖର ହୋତା ସଭାପତିତ୍ୱ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ତନ୍ମୟ ୪ଟି ରାଜ୍ୟ ସ୍ତରୀୟ ପୁରସ୍କାର ପାଇ ସାରିଲେଣି। ତନ୍ମୟ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅୟୋଜିତ ପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରି ଆସୁଛନ୍ତି। ଜାଭିୟର ହାଇସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା ତନ୍ମୟଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତରୋତ୍ତର ଉନ୍ନତି କାମନା କରିଛନ୍ତି।

# ବ୍ୟାଙ୍କର ଗ୍ରାହକ ସେବା ସମ୍ମିଳନୀ

କାକଟପୁର, ୨୫।୭:(ମନ୍ଥନ) କାକଟପୁର ଚନ୍ଦନ ବଜାର ସ୍ଥିତ ଅଗ୍ରଣୀ ବ୍ୟାଙ୍କ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ। ପରିସରରେ ବ୍ୟାଙ୍କ ଶାଖା ପରିଚାଳକ ସୁବ୍ରତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଏକ ଗ୍ରାହକ ସେବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ୟାଙ୍କର ଏହା ପ୍ରଥମ ସମ୍ମିଳନୀ ହୋଇଥିବା ବେଳେ ଆଜିର ବୈଠକରେ ବ୍ୟାଙ୍କର ଏକ ଶହରୁ ଉର୍ଦ୍ଧ ହିତାଧିକାରୀ ଯୋଗଦେଇ ବ୍ୟାଙ୍କରେ ବିଭିନ୍ନ ସରକାରୀ ଓ ବେସରକାରୀ ଯୋଜନା ପାଇବାରେ ଅନେକ ଅସୁବିଧା ହେଉଥିବା ପରିଚାଳକ ଶ୍ରୀ ମହାନ୍ତିଙ୍କୁ ପ୍ରଶ୍ନ କରିଥିଲେ । ବ୍ୟାଙ୍କ ପରିଚାଳକ ବିଭିନ୍ନ ଋଣ, କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ପାଇଁ



ଉପଲବ୍ଧ ବିଭିନ୍ନ ଯୋଜନା, ମହିଳା ହିତାଧିକାରୀଙ୍କ ପାଇଁ ସ୍ୱୟଂ ସିଦ୍ଧା ଋଣ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ବିଗତ ଦିନରେ ଏହି ଶାଖା ସେବା ଦେବାରେ ବିଫଳ ହେଉଥିବା ଅଭିଯୋଗକୁ ଖଣ୍ଡନ କରି ହିତାଧିକାରୀଙ୍କୁ ସମସ୍ତ ଯୋଜନା ସୁବିଧାରେ ଯୋଗାଇ ଦେବାକୁ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିବାବେଳେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାହକ ମାନଙ୍କ ପାଇଁ ଜଳପାନ ର ବ୍ୟବସ୍ଥା କରାଯାଇଥିଲା ।

# ପଶ୍ଚିମାଂଚଳ ରେଞ୍ଜ ଅଧିନରେ ଥିବା ୩ଟି ଜିଲ୍ଲାର ଅପରାଧ ହାର ହ୍ରାସ ପାଇଛି : ପଶ୍ଚିମାଂଚଳ ଡିଆଇଜି

ରାଉରକେଲା, ୨୫।୭:(ମନ୍ଥନ) ଆଜି ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ ଆଇନ ଶୃଙ୍ଖଳା ବିଷୟରେ ସୂଚନା ଦେବା ସହିତ ସୁନ୍ଦରଗଡ଼ ଜିଲ୍ଲାର ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଯେଉଁଥିରେ ସମଗ୍ର ଜିଲ୍ଲାର ଅପରାଧ ରିପୋର୍ଟ, ଚୋରି, ଡକାୟତି, ଦୁର୍ଘଟଣା ଏବଂ ଅନ୍ୟାନ୍ୟ ମାମଲା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, କେଉଁଝରର ଆରକ୍ଷୀ ଅଧିକ୍ଷକ ନିତେଶ ଡାଗାରୁ, ରାଉରକେଲା ରେଳବାଇ ଜିଆରପି ଆରକ୍ଷୀ




ଅଧିକ୍ଷକ ପିପିସି ବର୍ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ୱେଶାଲ ବ୍ରା ରାଉରକେଲା ଜୋନାଲ୍ ସଂଗ୍ରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଉରକେଲାର ଲଏଣ୍ଡ ଅର୍ଡର, ପ୍ରପର୍ଟି ଅଫେନ୍ସ, କ୍ରାଇମ୍ ଏଗେନ୍ଷ୍ଟ ଓମେନ୍, ଏକ୍ସିଡେଣ୍ଟ ଇତ୍ୟାଦି ଚାରୋଟି ବିଷୟ ଉପରେ ପୋଲିସ୍ ବିଭାଗ ପକ୍ଷରୁ ଆଲୋଚନା କରାଯାଇଛି । ରେଲୱେ ବିଭାଗ ସହିତ ରାଉରକେଲା ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିବା ଆଡିସନାଲ ଏସ୍ ପି ସ୍ୱେଶାଲ ବ୍ରା ସମନ୍ୱୟ ରଖି କାର୍ଯ୍ୟ କରିବା ସହିତ ଆଗାମୀ ୪ ମାସ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି କିପରି ସୃଷ୍ଟି ନହେବ ସେ ବିଷୟରେ କାର୍ଯ୍ୟ ଚାଲିଛି । ସୁନ୍ଦରଗଡରେ ବିଗତ ୬ ମାସ ମଧ୍ୟରେ ଅପରାଧ (ହତ୍ୟା ଘଟଣା) ହାର ହ୍ରାସ ପାଇଥିଲା ବେଳେ କେଉଁଝରରେ ମଧ୍ୟ ବିଗତ ୬ ମାସ ମଧ୍ୟରେ ଅପରାଧ (ହତ୍ୟା ଘଟଣା) ହାର ହ୍ରାସ ପାଇଛି । ସେହିପରି ରାଉରକେଲାର ବିଗତ ୬ ମାସ ମଧ୍ୟରେ ଅପରାଧ (ହତ୍ୟା ଘଟଣା) ହାର ମଧ୍ୟ କମ୍ ରହିଛିୟ । ସେହିପରି ଜମି ବିବାଦ ଜନିତ ଅପରାଧ ହାର ମଧ୍ୟ କମିଛି ବୋଲି ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ସୂଚନା ଦେଇଛନ୍ତି।

# ନାନୋ ୟୁନିକର୍ଣ୍ଣ ଚୟନ ଶିବିର ଅନୁଷ୍ଠିତ

କେନ୍ଦୁଝର,୨୫।୭:(ମନ୍ଥନ)ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟରେ ନାନୋ ୟୁନିକର୍ଣ୍ଣ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକାରୀ କମିଟି ଦ୍ୱାରା ୨୨ ଓ ୨୩ ଜୁଲାଇ ଦୁଇଦିନ ଧରି ଅନୁଷ୍ଠିତ ହେଇଥିବା ଏହି ଚୟନ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୧ ଜଣ ଲାଭାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଗଣେଶ୍ୱର ନାଏକଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋ ଶ୍ରୀମାନ ଅଭିଷେକ ଚକ୍ର ଓ ମୁସ୍କାନ ଚେଲୱାନୀ ଓ ଟାଟା ଷ୍ଟ୍ରାଇଭ'ର କର୍ମକର୍ତ୍ତା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଯୋଗ୍ୟ ବିବେଚିତ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କୁ ସ୍ୱାବଲମ୍ବୀ ହେବାକୁ ସରକାରଙ୍କ ତରଫରୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ।

# ପୂର୍ବତନ ସରପଞ୍ଚ ରାଧାରାଣୀ ଜେନାଙ୍କ ଦ୍ୱାଦଶାହ ଦିବସ ପାଳିତ

କୁକୁଡାଖଣ୍ଡି,୨୫।୭:(ମନ୍ଥନ)କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁର ସରପଞ୍ଚ ବଶିଷ୍ଠ କୁମାର ଜେନାଙ୍କ ମାତା ତଥା ପୂର୍ବତନ ସରପଞ୍ଚ ରାଧାରାଣୀ ଜେନାଙ୍କ ଦ୍ୱାଦଶାହ ଦିବସ କାଳୀ ମନ୍ଦିର ପଡ଼ିଆ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶୁଭେଚ୍ଛୁ ସାଙ୍ଗକୁ ଜନ ପ୍ରତିନିଧ ସାଙ୍ଗକୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ରାଧାରାଣୀ ଜେନାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣି ବାବୁଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ କୁକୁଡ଼ାଖଣ୍ଡି ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଫୋଟ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରାୟ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବରିଷ୍ଠ ସମାଜ ସେବୀ ଉଦୟ କୁମାର ବେହେରା, , ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ଭାରତୀ ନାୟକ କୈଳାସ ବିଷୋୟୀ, ବିଜେପି ନେତା ରାମ ସାମଲ, ଗୌରୀ ଶଙ୍କର ପାତ୍ର, ଭବାନୀ ଶଙ୍କର ବିଶ୍ୱାଳ, ବିଜେଡ଼ି ନେତା କିଶୋର ଚନ୍ଦ୍ର ପାତ୍ର, ନିରଞ୍ଜନ ମହାନ୍ତି,



ରାଧାମୋହନ ସେଠୀ, ଏଲ୍. ମୋହନ ଦାସ, ଅନିଲ କୁମାର ଗୌଡ଼, ଦେବାଶିଷ ସେଠୀ, , ମାମି ସାସମଲ, ଚିତ୍ତ ରଞ୍ଜନ ବିଷୋୟୀ, ଲକ୍ଷ୍ମୀ ମହାକୁଡ଼, କାମିନୀ ନାୟକ, ଗୌରୀ ଗୌଡ, ସୁଦର୍ଷା ସାହୁ, ସମିତି ସଭ୍ୟ ସାରଥି ପ୍ରସାଦ ଗୌଡ, ଜଗନ୍ନାଥ ଭୂୟାଁ, ଲକ୍ଷ୍ମୀ ସ୍ୱାଇଁ, ଜତୀନ୍ଦ୍ର ପାତ୍ର, , ସୁନିତା ସେଠୀ, ସୁରେଶ ସେଠି, ବୃନ୍ଦାବନ ଖଟାଇ ଅନନ୍ତାଇ ସରପଞ୍ଚ ପ୍ରତିନିଧ କାମେଶ୍ୱର ବିଶ୍ୱାଳଙ୍କ ସମେତ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ କାର୍ଯ୍ୟରତ ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟା ବହୁ ମାନ୍ୟଗଣ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଦେଇଥିଲେ ।

# ଓଲଟିଲା ଯାତ୍ରୀବାହୀ ବସ

ଦଶପଲ୍ଲା, ୨୫।୭:(ମନ୍ଥନ) କଟକରୁ ବଲାଙ୍ଗୀର ଅଭିମୁଖେ ମିଶ୍ର ନାମକ ଏକ ଘରୋଇ ବସ୍ ଯାଉଥିବା ବେଳେ ଦଶପଲ୍ଲା ଥାନା ସରିଗଣ୍ଡା ଛକ ନିକଟରେ ଏକ ଟ୍ରକ୍କୁ ସାଇଡ ଦେବା ସମୟରେ ରାସ୍ତାକଡ଼ ବିଲ ଭିତରକୁ ଖସି ବସ ଟି ଓଲଟି ପଡିଥିଲା । ଏହିସମୟରେ ଗାଡ଼ି ଚାଳକ ସେହି ଠାରୁ ଫେରାର ହୋଇଯାଇଥିବା ସମୟରେ ବହୁ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ୪ଜଣ ଗୁରୁତର ଅବସ୍ଥାରେ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୟାଗଡ଼ ସ୍ଥାନାନ୍ତର ହୋଇଛନ୍ତି। ସାମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ ଯୋଗେ ପଠାଯାଇଛି । ଖବର ପାଇ ଦଶପଲ୍ଲା ପୁଲିସ ସେହି ଯାଗାରେ ପହଞ୍ଚି କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ତାର ତଦନ୍ତ ଆରମ୍ଭ କରିଛି ।

# ରାଉରକେଲା ପୁଲିସ ଏବଂ ଏନ୍ଆଇଟି ରାଉରକେଲା ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରତ

ରାଉରକେଲା,୨୫।୭:(ମନ୍ଥନ)ଆଜି ରାଉରକେଲା ପୋଲିସ ଏବଂ ଏନ୍ ଆଇଟି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ରାଉରକେଲାର ବାହ୍ୟ ପ୍ରସାର କାର୍ଯ୍ୟକଳାପ, ଆଇଟ ସମାଧାନ, ତାଲିମ ଏବଂ ଜ୍ଞାନର ଆଦାନପ୍ରଦାନ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛ । ରାଉରକେଲା ପୋଲିସ ପକ୍ଷରୁ ଇ-ବିଟ୍ ଆରମ୍ଭ ହେବା ପରେ ଟେକ୍ନୋ-ଏମ୍ବାସଡ୍ ପୋଲିସିଂର ଏକ ନୂତନ ଯୁଗର ଉନ୍ମୋଚନ କରିଛି, ଯାହା ସ୍ୱଚ୍ଛତା ଏବଂ ତଥ୍ୟର ସୁଗମତା ପାଇଁ ଯତ୍ନବାନ । ଏନ୍ଆଇଟି ରାଉରକେଲା ପୂର୍ବରୁ ରାଉରକେଲା ପୋଲିସର ବିଭିନ୍ନ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଚେଷ୍ଟା କରିଆସୁଛି। ଏନ୍ଆଇଟି ରାଉରକେଲା, ରାଉରକେଲା ପୋଲିସର ୱେବସାଇଟ୍ ଡିଜାଇନ୍ ଏବଂ ବିକଶିତ କରିବା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଧାରା ୧୯୩(୩) ( ସହିତ ଅଭିଯୋଗ ସୁନିଶ୍ଚିତ କରିବା ପାଇଁ ଅନୁସନ୍ଧାନ ପୋର୍ଟାଲ୍ ବିକଶିତ କରିଛି । ଏହି ପୋର୍ଟାଲ୍ ତଦନ୍ତ ଅଗ୍ରଗତି ହେବା ସହିତ ଅଭିଯୋଗକାରୀଙ୍କୁ ତୁରନ୍ତ ପଠାଏ । ଅନୁସନ୍ଧାନର ଅନେକ ମଡ୍ୟୁଲ୍ ତିଆରି କରାଯାଇଛି ଯାହା ତଦନ୍ତକୁ ତଥ୍ୟ-ଅନୁକୂଳ ଏବଂ କମ୍ କଷ୍ଟକର କରିଥାଏ ପଶ୍ଚିମାଞ୍ଚଳ ରେଞ୍ଜ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ (ଡିଆଇଜି)ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ରାଉରକେଲା ପୋଲିସ ଜିଲ୍ଲା ସମାଜକୁ ଉତ୍ତମ ସେବା ପାଇଁ ପୋଲିସ କିପରି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ଏଥିପାଇଁ କଣ ଆବଶ୍ୟକତା ଅଛି ସେ ବିଷୟରେ ଆଲୋକପାତ କରିଥିଲେ। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ଏନଆଇଟି ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ ଶିକ୍ଷାନୁଷ୍ଠାନ ଏବଂ ପୋଲିସ କିପରି ମିଳିତ ଭାବରେ ନାଗରିକଙ୍କ ପାଇଁ ପ୍ରଭାବଶାଳୀ ସମାଧାନ ଖୋଜିପାରିବେ ତାହା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଏସ. ବକ୍ସି ଏବଂ ପ୍ରଫେସର ଏମ୍.ଏନ୍. ସାହୁ ବର୍ତ୍ତମାନର ଅନୁସନ୍ଧାନ ପୋର୍ଟାଲ୍ କିପରି କାର୍ଯ୍ୟ କରେ ଏବଂ ନିକଟ ଭବିଷ୍ୟତରେ ଏହା କିପରି ଉନ୍ନତ ସୁବିଧାଯୁକ୍ତ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ । ଏହାକୁ ହାସଲ କରିବା ପାଇଁ ବର୍ତ୍ତମାନ କାର୍ଯ୍ୟ ଚାଲିଛି ବୋଲି କହିଥିଲେୟ ଏନଆଇଟି ରାଉରକେଲା ଏବଂ ରାଉରକେଲା ପୋଲିସ ଆଜି ରାଉରକେଲା ପୋଲିସ କର୍ମଚାରୀଙ୍କ ଡିଜିଟାଲ ରୂପାନ୍ତର ପାଇଁ ଏକ ୮ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ଉଦ୍ଘାଟନ କରିଛନ୍ତି । ଯେଉଁଥିରେ ୨୦୦ ପୋଲିସ କର୍ମଚାରୀଙ୍କୁ ଡାଟା ଆନାଲିଟିକ୍ସ ଫ୍ରେମୱାର୍କରେ ଦକ୍ଷତା ପ୍ରଦାନ କରାଯିବୟ ୨୦୦ରୁ ଅଧିକ ଉତ୍ସର୍ଗୀକୃତ ପୋଲିସ କର୍ମଚାରୀଙ୍କ ଏହି ସମାବେଶ ଏକ ନୂତନ ଯାତ୍ରାର ମୂଳଦୁଆ। ଆରମ୍ଭ କରିବ । ଯାହା ଏନଆଇଟି ରାଉରକେଲାର ବିଶେଷଜ୍ଞତା ଏବଂ କାର୍ଯ୍ୟକ୍ଷମ ଦକ୍ଷତା, ଡିଜିଟାଲ ପ୍ରସ୍ତୁତି ଏବଂ ସମ୍ପ୍ରଦାୟ-କେନ୍ଦ୍ରିତ ପୋଲିସିଂକୁ ବୃଦ୍ଧି କରିବା ପାଇଁ ରାଉରକେଲା ପୋଲିସର ପ୍ରତିବଦ୍ଧତାକୁ ଏକାଠି କରିବ । ରାଉରକେଲା ପୋଲିସ ଏବଂ ଏନଆଇଟି ରାଉରକେଲା ମିଳିତ ଭାବରେ ପୂର୍ବାନୁମାନିକ ପୋଲିସ ସେବା ପାଇଁ ବୁଦ୍ଧିମାନ ତଥ୍ୟ ବାହାର କରିବା ପାଇଁ ଇକ୍ଷ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘକାଳୀନ ଲକ୍ଷ୍ୟ ଯୋଜନା କରିଛନ୍ତି ବୋଲି ସୂଚନା ଦିଆଯାଇଛି।




# ସାମ୍ପ୍ରତିକ ନାରୀ ନିର୍ଯାତନାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ବୈଠକ

ରାଉରକେଲା, ୨୫।୭:(ମନ୍ଥନ) ଇସ୍ପାତ ସହର ସେକ୍ଟର-୨୧ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଏକ ବୈଠକ ଆୟୋଜନ କରାଯାଇଥିଲା । ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଏବଂ ବରିଷ୍ଠ ଏସସି ସେଲ୍ ଅଧିକାରୀମାନଙ୍କ ସମେତ ଶହ ଶହ ମହିଳା ଏବଂ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଏହି ବୈଠକରେ ବୈଠକରେ ଓଡିଶାର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ବାଲେଶ୍ୱର ଏଫ୍ ଏମ୍ କଲେଜ ଛାତ୍ରୀ ଆତ୍ମହୂତୀ ଘଟଣାରେ ସରକାରଙ୍କ ଭୂମିକା ଏବଂ ପୁରୀ ବଳଙ୍ଗା ଛାତ୍ରୀଙ୍କ ଉପରେ କିରୋସିନି ଢାଳି ନିଆଁ ଲଗାଇବା ଘଟଣାରେ




ସରକାର ଏପର୍ଯ୍ୟନ୍ତ ଅପରାଧିଙ୍କୁ ନଧରିପାରିବା ବିଷୟରେ ମୁଖ୍ୟ ଅତିଥି ତଥା ରାଜ୍ୟ ଅନୁସୂଚିତ ଜାତି ସଭାପତି ମାନସ ମଲ୍ଲିକ କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ। ଏହି ବୈଠକରେ ରାଉରକେଲା ଏସ୍ ସି ସେଲ୍ ସଭାପତି ଦିବାକର ଦୀପ, ପୂର୍ବତନ ଜିଲ୍ଲା ସଭାପତି ରବି ରାୟ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସବୀର ହୁସେନ, ଯୁବ ନେତା ଶିବୁ ଦୀପ, ସେବା ଦଳର ବୁଲୁ ଦାସଙ୍କ ସମେତ ବନମାଳୀ ବିଶୋଇ, ଆଦେଶ ସୁନା, ରାଜୁ ଜୟପୁରିଆ, ବିନୋଦ ତନ୍ତୀ, ରାଜ୍ୟ ଏସ୍ସିସେଲ ଉପସଭାପତି ଗଜେନ୍ଦ୍ର ତନ୍ତୀ, ରାଉରକେଲା ଏସ୍ ସି ସେଲ୍ ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ମୁମ୍ବାଇ ନ୍ୟାୟ

୨୦୦୬ ମସିହା ଜୁଲାଇ ମାସ ୧୧ତାରିଖ ଦିନ ମୁମ୍ବାଇର ଲୋକାଲ ଟ୍ରେନରେ ସଂଘଟିତ ଲୋମହର୍ଷଣକାରୀ ବିସ୍ଫୋରଣ ଏବେ ବି ଅଭୁଲା ହୋଇରହିଛି । ସ୍ମରଣଯୋଗ୍ୟ ଯେ, ସନ୍ଧ୍ୟା ସମୟରେ, ଯେତେବେଳେ ଯାତ୍ରୀଙ୍କ ଭିଡ ଲାଗି ରହିଥିଲା, ଠିକ ସେହି ସମୟରେ ୭ଟି ଲୋକାଲ ଟ୍ରେନର ୭ଟି ପ୍ରଥମ ଶ୍ରେଣୀ ବଗିରେ ମାତ୍ର ୧୧ମିନିଟ୍ ମଧ୍ୟରେ ଶକ୍ତିଶାଳୀ ବିସ୍ଫୋରଣରେ ୨୦୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ କେତେକ ଏବେ ବି ଅକର୍ମଣ୍ୟ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି । ସେତେବେଳେ ଏହି ଭୟଙ୍କର ବିସ୍ଫୋରଣ କେବଳ ମୃତାହତ ଯାତ୍ରୀଙ୍କ ପରିବାରକୁ ନିକଟରେ ମୁମ୍ବାଇ ହାଇକୋର୍ଟଙ୍କ ରାୟ ବେଳେ ଆହୁରି କ୍ଷତାକ୍ତ କରିନାହିଁ, ଦେଶରେ ପୋଲିସର ତଦନ୍ତ ପ୍ରକ୍ରୀୟା ଏବଂ ନ୍ୟାୟ ପାଇଁ ନ୍ୟାୟାଳୟ ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ଆତଙ୍କ ବିରୋଧୀ ସ୍କ୍ୱାର୍ଡ(ଏଟିଏସ) ଅନୁସନ୍ଧାନ ଆଧାରରେ ତଳକୋର୍ଟ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ । ପ୍ରାୟ ୧୦ବର୍ଷ ଧରି ମାମଲା ଶୁଣାଣୀ ସମୟରେ ୧୯୨ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନ ଠାରୁ ଆରମ୍ଭ କରି ଡାକ୍ତର, ଫୋରେନସିକ ବିଶେଷଜ୍ଞଙ୍କ ରିପୋର୍ଟ ଆଧାରରେ ମହାରାଷ୍ଟ୍ର ଏକକୋକା କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ । ଯାହାକି ପୀଡିତାଙ୍କୁ ଆଶ୍ୱସ୍ତ କରିଥିଲା । ଭାରତୀୟ ବିଚାରପତି ଆଧାରରେ ଅଭିଯୁକ୍ତମାନେ ମୁମ୍ବାଇ ହାଇକୋର୍ଟରେ ତଳ କୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ଅପିଲ କରିଥିଲେ । ମୁମ୍ବାଇ ହାଇକୋର୍ଟ ଅପିଲର ଶୁଣାଣୀ କରି ୬୧୭ ପୃଷ୍ଠା ସମ୍ବଳିତ ରାୟରେ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ହାଇକୋର୍ଟ ତାଙ୍କ ରାୟରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ପ୍ରମାଣକୁ ମୂଲ୍ୟହୀନ ବୋଲି ଦର୍ଶାଇଛନ୍ତି । ବିସ୍ଫୋରଣରେ କି ପ୍ରକାରର ବୋମା ବ୍ୟବହୃତ ହୋଇଥିଲା, ପୋଲିସ କହିବାକୁ ଅକ୍ଷମ ଥିବା ହାଇକୋର୍ଟ ଦର୍ଶାଇଛନ୍ତି । ସେହିପରି ପୋଲିସ ସଂଗ୍ରହ କରିଥିବା ସମସ୍ତ ଟୁକୁରା ତୃଟିପୂର୍ଣ୍ଣ ଏବଂ ଅସୁରକ୍ଷିତ ଥିଲା । ପୋଲିସର ନିର୍ଯ୍ୟାତନା ଯୋଗୁଁ ଅଭିଯୁକ୍ତମାନେ ଅପରାଧରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ଏହି ସ୍ୱୀକାରୋକ୍ତି ସତ୍ୟତାପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ନୁହେଁ ବୋଲି ଅଦାଲତ କହିଛନ୍ତି । ଏହା ବ୍ୟତୀତ ଅଭିଯୁକ୍ତମାନେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିବା ନେଇ ଯେଉଁସବୁ ପୁସ୍ତକ ଓ ପ୍ରମାଣପତ୍ର ଉପସ୍ଥାପନ କରାଯାଇଥିଲା, ତାହା ସେମାନେ ନିଷିଦ୍ଧ ସଂଗଠନର ସଦସ୍ୟତାକୁ ପ୍ରମାଣିତ କରୁନାହିଁ କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସମସ୍ତ ସାକ୍ଷୀ ମିଛୁଆ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି । ଆହୁରି ମଧ ୪ବର୍ଷ ପରେ ଅଭିଯୁକ୍ତମାନଙ୍କୁ ସାକ୍ଷୀମାନେ ଚିହ୍ନଟ କରିବା ଅତି ଅସଂଗତ ଏବଂ ସାକ୍ଷୀମାନେ ପେଷାଦାର ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି । ଏହା ନିସନ୍ଦେହ ଯେ, ଅଦାଲତଙ୍କର ଏହି ସବୁ ଅନୁସନ୍ଧାନ ସିଦ୍ଧାନ୍ତ ଗୁଡିକ ଚିନ୍ତାଜନକ । ତେବେ ପ୍ରଥମ ଘଟଣା କିମ୍ବା ନୂଆ ନୁହେଁ । ତେବେ ଅପରାଧୀ କେଉଁମାନେ ? ଯେଉଁମାନେ କି ଏବେ ବି ମୁକ୍ତ ଭାବରେ ବିଚରଣ କରୁଛନ୍ତି ? ଯାହା ମୁମ୍ବାଇ ହାଇକୋର୍ଟଙ୍କ ରାୟ ସନ୍ଦେଶ ପ୍ରଦାନ କରେ । ଏହା ସତ୍ୟ ଯେ, ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଦାଲତ ଦୋଷୀଙ୍କୁ ଦଣ୍ଡବିଧାନ କରିଥାଏ । ଦେଶର ଦୁଇ ଅଦାଲତ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି । କେଉଁ ଅଦାଲତ ଠିକ୍ ତାହା ଦୀର୍ଘ ୨୦ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ପିଡିତଙ୍କ ପରିବାରଙ୍କ ପକ୍ଷରେ ବୁଝିବା ସମ୍ଭବ ନୁହେଁ । ଅବଶ୍ୟ ମହାରାଷ୍ଟ୍ର ସରକାରଙ୍କ ଅପିଲକୁ ଗ୍ରହଣ କରି ସୁପ୍ରିମକୋର୍ଟ ମୁମ୍ବାଇ ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି । ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା ଉପରେ ସୁପ୍ରିମକୋର୍ଟରେ ପୁଣି ମୂଳରୁ ଶୁଣାଣୀ ହେବ । ସୁପ୍ରିମକୋର୍ଟ ଏହି ମାମଲାରେ ସମସ୍ତ ଦୋଷୀଙ୍କୁ ନୋଟିସ ଜାରି କରିଥିବାବେଳେ ହାଇକୋର୍ଟଙ୍କ ରାୟକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କିନ୍ତୁ ଜେଲରୁ ଖଲାସ ହୋଇଯାଇଥିବା ଅପରାଧକୁ ପୁନର୍ବାର ଜେଲକୁ ଫେରାଇ ଅଣାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏବେ ସୁପ୍ରିମକୋର୍ଟଙ୍କ ଉପରେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣରେ ମୃତାହତ ପରିବାର ଭରସା । ନ୍ୟାୟ ପାଇଁ ପିଡିତଙ୍କୁ ପରିବାର ପୁଣି ଆଉ କେତେ ବର୍ଷ ଅପେକ୍ଷା କରିବାକୁ ହେବ, ତାହା ସମୟ କହିବ ।

# ପ୍ରେମ ସ୍ୱରୂପ ସତ୍ୟସାଇ

**ଶ୍ରୀ କିଶୋର କୁମାର ଜେନା**

'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।' ଚାହୁଁ ଚାହୁଁ ଚଉଦ ବର୍ଷ ବିତିଗଲା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ତାଙ୍କ ମର ଶରୀର ତ୍ୟାଗ କରିବା । ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ । ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, 'ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି । ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ । ମୋର ବାହ୍ୟ ସ୍ୱରୂପ ମଧ ସେଥିରୁ ମୁକ୍ତ ନୁହେଁ ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ । ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ ଅତିକ୍ରମ କରିଯିବାକୁ ପଡ଼ିବ । ଯେତେବେଳେ ମଣିଷ ଅନ୍ତର୍ମୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ । ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି । ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର ।

ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ । ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି ? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାସନ୍ଧ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି । ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି ? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି ? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ । ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ । ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ । ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି । ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ । ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ । ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି । ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ । ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଥିବାରୁ କେତେକ ଭକ୍ତକୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର । ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି । ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବାର୍ତ୍ତା କରନ୍ତି । ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି । ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା । ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି ।

ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ । ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ । ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ । ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ । ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ । ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ । ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ । ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା' । ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ' ।

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com

# ଭକ୍ତର ସଙ୍ଗ କରିଲେ କ'ଣ ହୁଏ ?

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯେଉଁ ବ୍ୟକ୍ତି ଗୁରୁଙ୍କର ନିର୍ଦ୍ଦେଶଗୁଡ଼ିକ ସୂଚାରୁରୂପରେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଏବଂ ଆଧାତ୍ମିକ କ୍ଷେତ୍ରରେ ଅପେକ୍ଷାକୃତ ଅଳ୍ପବିକଶିତ ଲୋକଙ୍କ ମଧ୍ୟରେ ଗୁରୁ ଉପଦେଶ ପ୍ରଚାର ଓ ପ୍ରସାର କରି ଜୀବନ ଅତିବାହିତ କରନ୍ତି, ସେ ହିଁ ପ୍ରକୃତ ଭକ୍ତ । ଯେଉଁ ଭକ୍ତ ଗୁରୁଙ୍କର ଆଜ୍ଞାବହ ହୁଏ, କେବଳ ସେ ହିଁ ଅନ୍ତରର ମୁଁ କାରତ୍ୱ ଉପରେ ବିଜୟ ଲାଭ କରେ । ଆଜ୍ଞାନୁବର୍ତ୍ତିତା ଯଥାର୍ଥ ଓ ବାସ୍ତବ ହେବା ଆବଶ୍ୟକ । ପୂର୍ଣ୍ଣପ୍ରାଣରେ ପୂର୍ଣ୍ଣ ଅଧ୍ୟବସାୟ କରି ଆଜ୍ଞାନୁବର୍ତ୍ତୀ ହେବା ଆବଶ୍ୟକ । ଯେଉଁ ଶିଷ୍ୟ ପ୍ରକୃତ ଗୁରୁ-ଆଜ୍ଞାନୁବର୍ତ୍ତୀ, ସେ ପ୍ରଶ୍ନ କରେନାହିଁ, କି ଦୀର୍ଘସୂତ୍ରିତା ପ୍ରଦର୍ଶନ କରେ ନାହିଁ । ଭଣ୍ଡ ଓ କପଟୀ ଶିଷ୍ୟ କେବଳ ଭୟବଶତଃ ଗୁରୁଆଜ୍ଞା ପାଳନ କରିଥାଏ । କିନ୍ତୁ ପ୍ରକୃତ ଅନୁରକ୍ତ ଶିଷ୍ୟ ନିଚ୍ଛକ ଅନୁରାଗର ସହିତ ଗୁରୁସେବା କରିଥାନ୍ତି ।

ଭକ୍ତ ସଙ୍ଗର ଉପକାରିତା ସମ୍ବନ୍ଧରେ କଥା ଉଠିଲା । ଶ୍ରୀ ଶ୍ରୀ ଠାକୁର - ପ୍ରକୃତ ଯିଏ ଭକ୍ତ, ସେ ଭଗବାନ ଛଡ଼ା କିଛି ଚାହେଁ ନାହିଁ, ଆଉ କିଛି ବୁଝେ ନାହିଁ । ତାଙ୍କର ବିରହରେ ସେ ଚିରବ୍ୟଥିତ । ଆମ୍ଭେମାନେ ଯାହାକିଛି ପାଉନା କାହିଁକି, ତାଙ୍କ ଛଡ଼ା ଅନ୍ୟ କୌଣସିଥିରେ ପ୍ରାଣ ଭରେ ନାହିଁ । ଭରିବାର ନୁହେଁ, ତେଣୁ ଭରେନାହିଁ । ମଣିଷର ସମଗ୍ର ଅନ୍ତରଟା ଫାଙ୍କା । ତାହା କୌଣସିଥିରେ ଭରେ କି ନାହିଁ, ସେହି ଚେଷ୍ଟାରେ ସେ କେତେ କ'ଣ କରେ ! କିନ୍ତୁ କିଛି ପ୍ରକାରରେ ସେ ଶାନ୍ତି ପାଏ ନାହିଁ, ତୃପ୍ତି ପାଏ ନାହିଁ, ତାର ଅସ୍ଥିରତା ଯାଏ ନାହିଁ । ଭକ୍ତ କିନ୍ତୁ ତାର ଇଷ୍ଟଙ୍କ ମଧ୍ୟରେ ସବୁ କିଛି ପାଇଥାଏ । ସେ ହିଁ ସାଇ ବସ୍ତୁ, ଏହି ମୁଖ୍ୟ କଥା ସେ ବୁଝିଥାଏ । ତେଣୁ, କାମନା ବାସନାର ଜଞ୍ଜାଳର ସେ ଅନେକ ରକ୍ଷା ପାଇଥାଏ । ଏହାଦ୍ୱାରା ସେ ଶାନ୍ତି ପାଏ । ତେଣୁ ଅନ୍ୟମାନେ ବି ତାର ସଙ୍ଗ କରି ଶାନ୍ତି, ତୃପ୍ତି ଓ ଆନନ୍ଦ ପାଆନ୍ତି । ମଣିଷ ଜ୍ଞାତ ସାରରେ, ଅଜ୍ଞାତସାରରେ ଅହର୍ନିଶ ଏହା ହିଁ ଚାହିଁଥାଏ । ସତସଙ୍ଗ ମାନେ ସତ୍ତାର ସଙ୍ଗ । ସତ୍ତା ସଚ୍ଚିଦାନନ୍ଦମୟ । ସଚ୍ଚିଦାନନ୍ଦ ବିଗ୍ରହ ଯିଏ, ତାଙ୍କୁ ମଣିଷ ଖୋଜେ ନିଜର ସତ୍ତାକୁ ଅତୁଟ ଓ ବର୍ଦ୍ଧନଶୀଳ କରି ତୋଳିବା ପାଇଁ । ଯେତେବେଳେ ମଣିଷ ଦେଖେ ଯେ ତାର ଚିରଦିନର ନିଜର ବୋଲି କେହି ନାହିଁ, ସେ ଏକା ଓ ନିଃସଙ୍ଗ, ସେତେବେଳେ ତାର କ୍ଷୁଦ୍ର ସତ୍ତା ଆଲିଙ୍ଗନ କରିବାକୁ ଚାହେଁ ମହାସତ୍ତାକୁ, ଅନାଦିର ଆଦି ଗୋବିନ୍ଦଙ୍କୁ । ଆମ୍ଭେମାନେ ଭଗବାନଙ୍କୁ ମଦନମୋହନ ମଦନର ଯେତେ ମରଣ ଓ ଦୌରାତ୍ମ୍ୟ ଅଛି, ତାଙ୍କ ପାଖକୁ ଗଲେ ସବୁ ମୋହିତ ହୋଇଯାଏ । ମଦନ ତାର ନିଜର ଚରିତାର୍ଥତା ଖୋଜି ପାଏ । ମଦନକୁ ଭସ୍ମ କରି ଲାଭ କ'ଣ ? ତାକୁ ବରଂ ମଦନମୋହନ ର ସେବକ କରି ସାର୍ଥକ କରି ତୋଳିବା ହିଁ ଭଲ । ସେ ମୋର ମଦନମୋହନ, ସେ ମୋର ନଟବର, ସେ ମୋର ନବକିଶୋର, ଯେଉଁମାନେ ଚାହାଁନ୍ତି, ସେମାନଙ୍କର ବି ସେ ମଦନମୋହନ, ନଟବର ଓ ନବକିଶୋର । ଆଉ ଯେଉଁମାନେ ନ ଚାହାଁନ୍ତି ସେମାନଙ୍କର ବି ମଦନମୋହନ, ସେମାନଙ୍କର ବି ସେ ନଟବର, ସେମାନଙ୍କର ବି ସେ ନବକିଶୋର । ସେ ଦୁଇବାହୁ ବଢ଼େଇ ଅଛନ୍ତି ସମସ୍ତଙ୍କୁ ଆଲିଙ୍ଗନ କରି କୋଳେଇ ନେବା ପାଇଁ । ମଣିଷ ଚାହେଁ ନାହିଁ ବୋଲି ବୁଝି ପାରେ ନାହିଁ । ଏହାଦ୍ୱାରା ତାଙ୍କ ଆଖିରୁ ଅଶ୍ରୁ ଝରେ, ବିମୁଖ ମଣିଷମାନେ ବି ମର୍ମପୀଡ଼ାରେ ମରେ । (ଆ:ପ୍ର:୧୬/୮.୪.୧୯୪୯)

ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି । ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣ ଠାରୁ ଦୂରେଇ ରହିବା ପାଇଁ ଭକ୍ତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି । ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । ମନ ଉପରେ ଜୟ ଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି । ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସାହାଯ୍ୟ କରନ୍ତି । ଏଥି ନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ । ସଦଗୁରୁ ଏତିକି ମାତ୍ର ଚାହାଁନ୍ତି । ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା । ଯେଉଁ ଭକ୍ତମାନେ ଏହି ମାର୍ଗକୁ ଗ୍ରହଣ କରିଛନ୍ତି ସେମାନଙ୍କୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦଗୁରୁମାନେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ।

ସହ-ପ୍ରତିରଦ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ସୁସ୍ଥ ହୃତପିଣ୍ଡ ଲାଗି ସରଳ ସୂତ୍ର

**ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

ସେଥିପାଇଁ ଦୈନିକ ଦାନ୍ତ ଘଷିଲେ ହୃତପିଣ୍ଡ ସୁସ୍ଥ ରହିଥାଏ । ଧୂମପାନ ବର୍ଜନ କରନ୍ତୁ : ସିଗାରେଟ, ଇ-ସିଗାରେଟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଧୂମ ପାନ ବର୍ଜନ କରନ୍ତୁ । ଧୂମପାନ କେବଳ ହୃଦରୋଗ ନୁହେଁ, ପକ୍ଷାଘାତ, ଫୁସଫୁସ ଓ କର୍କଟ ରୋଗର କାରଣ ହୋଇଥାଏ । କେବଳ ଧୂମ୍ରପାନ ନୁହେଁ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏପରିକି ଆପଣ ନିୟମିତ ନିଦ ବଟିକା ଖାଉଥିଲେ ଏହା ମଧ ଦୀର୍ଘକାଳୀନ ପାଇଁ ହୃତପିଣ୍ଡ କ୍ଷେତ୍ରରେ ସହାୟକ ନୁହେଁ ବରଂ କିଛି ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ । ଅପରାହ୍ନରେ ଫଳାହାର କରନ୍ତୁ : ଅପରାହ୍ନରେ ମୁଠାଏ ବାଦାମ ଅଥବ ଅଖରୋଟ ଖାଆନ୍ତୁ । ନତୁବା ତନ୍ତୁଭରା ଫଳ ଯେମିତି ସେଓ, ଅଙ୍ଗୁର, ଷ୍ଟବେରୀ ଏବଂ ଲେମ୍ବୁ ଆଦି ଖାଆନ୍ତୁ । ଏହା କୋଲେଷ୍ଟରଲ ମାତ୍ରା ହ୍ରାସ କରିଥାଏ, ଯାହା ହୃତପିଣ୍ଡ ଲାଗି ଉପକାରୀ । ସକାଳ ବ୍ରେକଫାଷ୍ଟରେ ଫଳ ଖାଇବାରେ ମନା ନାହିଁ କିନ୍ତୁ ଏହା ଆପଣଙ୍କ ଶରୀରକୁ ଓଜନିଆ ହୋଇଗଲା ପରି ଲାଗିବ । ଫଳ ଭିତରେ ସବୁଠାରୁ ଭଲ ଋତୁକାଳୀନ ଆଉ ତଟକା ଦେଶୀ ଫଳ । ଅଧିକ ସମୟ ଶୁଅନ୍ତୁ : ପ୍ରାପ୍ତ ବୟସ୍କମାନେ ଦୈନିକ ସାତରୁ ଏକ ଘଣ୍ଟା ଶୋଇବା ଉଚିତ । ଯଥେଷ୍ଟ ନିଦ ନହେଲେ ଦିନରେ କ୍ଳାନ୍ତ ଲାଗେ ଏବଂ ଅସ୍ୱାସ୍ଥ୍ୟକର ଭୋଜନ ଖାଇବାକୁ ଇଚ୍ଛାହୁଏ । ଫଳରେ ଓଜନ ବୃଦ୍ଧି ହୁଏ । ଖରାଦିନେ ବୟସ୍କମାନେ ଶୋଇବାରେ ମନା ନାହିଁ । ତେବେ ଆପଣ ସୁସ୍ଥ ସବଳ ଥିଲେ ଦିନରେ ଶୋଇବାକୁ ଏଡ଼ାଇ ଯାଆନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ନିଦ ବଟିକାର ସାହାରା ନ ନେଇ ବରଂ କିଛି ସମୟ ପଦ ଚାଳନା କରନ୍ତୁ । ଅନାବଶ୍ୟକ ମୋବାଇଲରେ ନିଜକୁ ବ୍ୟସ୍ତ ନରଖି ଏକାଗ୍ର ଚିତ୍ତରେ ଶୋଇବାର ଅଭ୍ୟାସ କରନ୍ତୁ । ଉତ୍କଣ୍ଠା ହ୍ରାସ କରନ୍ତୁ : ଚିନ୍ତା ବା ଉଦବିଗ୍ନତା ଉଚ୍ଚ ରକ୍ତଚାପ କରାଇପାରେ । ଉଚ୍ଚରକ୍ତ ଚାପ ହୃଦରୋଗ ସହ ଜଡ଼ିତ । ତେଣୁ ଯଥା ସମ୍ଭବ ଚିନ୍ତାମୁକ୍ତ ରୁହନ୍ତୁ । ବ୍ୟାୟାମ, ଯୋଗ, ଧ୍ୟାନ ଓ ବନ୍ଧୁବାନ୍ଧବଙ୍କ ସହିତ ସକାରାତ୍ମକ ଭାବ ବିନିମୟ ମଧ ଉଦବିଗ୍ନତା ହ୍ରାସ କରାଥାଏ । ଏହି ନକାରାତ୍ମକ ଅନ୍ୟ ମନସ୍କତା, ଉଦବେଗ ଓ ଉତ୍ତେଜନା ଆପଣଙ୍କ ହୃତପିଣ୍ଡ ଉପରେ ଅନାବଶ୍ୟକ ଚାପ ସୃଷ୍ଟି କରିଥାଏ । ହୃତପିଣ୍ଡ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କାରଣ ଏହିଠାରେ ହିଁ ଆମ ମାନଙ୍କର ଜୀବନ ରହିଛି । ଶରୀରର ମୂଲ୍ୟବାନ ଅଙ୍ଗକୁ ଯତ୍ନଶୀଳ ଓ ଶ୍ରଦ୍ଧାଶୀଳ ରଖିବାର ଦାୟିତ୍ୱ ଆପଣଙ୍କ ପାଇଁ ଆଦୌ କଠିନ କିମ୍ବା ଆହ୍ୱାନଭରା ନୁହଁ । ଚିନ୍ତାମୁକ୍ତ ହୋଇ ସକାରାତ୍ମକ ଓ ପ୍ରଫୁଲ୍ଲିତ ମାନସିକତା ରଖନ୍ତୁ ଏହା ହିଁ ସୁସ୍ଥ ହୃତପିଣ୍ଡର ସଞ୍ଜିବନୀ ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ପ୍ରତି ଓଡ଼ିଆଙ୍କ ଘର ମୁରବୀ : ମହାପ୍ରଭୁ ଶ୍ରୀଜଗନ୍ନାଥ

**କବୀର କୁମାର ଜେନା**

'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।'

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ । ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ । ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ । ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ । ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ । ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ ଆହୁରି ହାଲକା ହୋଇଯାଏ ତନମନ । ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ । ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପସିତ ପ୍ରାର୍ଥନା କରିଥାଏ ।

ସେ ହେଉଛନ୍ତି ଆମ ଓଡ଼ିଆଙ୍କ ଘର ମୁରବୀ, ସେ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ନିୟନ୍ତା ଓ ବ୍ରହ୍ମାଣ୍ଡ ନାଥ କରୁଣା ସାଗର ପୂର୍ଣ୍ଣବ୍ରହ୍ମ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କ ଦିବ୍ୟଲୀଳାର ମହିମା ବର୍ଣ୍ଣନା ତାଙ୍କ କୃପାର ଗୁଣ କୀର୍ତ୍ତନ ଯେତେ ଭଜନ ହେଉ ବା ଜଣାଣ, ସମର୍ପଣ ହେଉ ବା ଭକ୍ତି ଭାବରେ ନିଜକୁ ନିୟୋଜିତ ସେ ସବୁ ନିଅଣ୍ଟ ପଡ଼ିଯିବ । ତାଙ୍କ ମହିମା ବର୍ଣ୍ଣନା କରିବା ପାଇଁ କାହାର ବି ସାଧ ନାହିଁ । ସମ୍ଭବତଃ ଆମେ କେଉଁ ଜନ୍ମରେ କାଣିଚାଏ ସମ୍ଭବତଃ ପୁଣ୍ୟଫଳ ପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଟିକିଏ ଦେଖିବା ପାଇଁ ତାଙ୍କ ସାନ୍ନିଧ ଟିକିଏ ଅନୁଭବ କରିବା ପାଇଁ । ପୁଣ୍ୟ ପାବନ ନିତ୍ୟ ବୈକୁଣ୍ଠ ଧାମ ପୁରୀ ଶ୍ରୀ ମନ୍ଦିର ଆମେ ଯିବା ପାଇଁ ସକ୍ଷମ ହୋଇପାରୁଛେ । ସେ ହେଉଛନ୍ତି ଭାବଗ୍ରାହୀ, ସେ ହେଉଛନ୍ତି ଭାବ ବିନୋଦିଆ କଳା ଠାକୁର ଯିଏ ଭକ୍ତର ଦୁଃଖର ଦୁଃଖି ଆଉ ଭକ୍ତର ସୁଖରେ ସୁଖୀ । ଯେତେ ଦୂର ହେଉ ବରଂ ଯେଉଁଠି ବି ଆଶ୍ରୀତ ଜଣଙ୍କ, ଭକ୍ତ ଜଣଙ୍କ ତାଙ୍କୁ ସମର୍ପଣ ହୃଦୟରେ କାତରରେ ଆକୁଳ ଭାବରେ ନିଜକୁ ସମର୍ପିତ କରି ନିଜ ଦୁଃଖ ବା ପୀଡ଼ା ଜଣାଇଥାଏ ସେ ତାକୁ ଦୂରୀଭୂତ କରିଥାନ୍ତି । ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି । ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ଆଜି ଅଗଣିତ ଶ୍ରଦ୍ଧାଳୁ ନିଜକୁ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୃଦୟରେ ଜୀବନ ନିର୍ବାହ କରୁଛନ୍ତି । କଳା ଠାକୁର, ଭାବ ବିନୋଦିଆ ଜଗତ୍ ବନ୍ଧୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ । ପ୍ରତିଟି ଓଡ଼ିଆ ଘରର ଭଲ ମନ୍ଦ, ହାନିଲାଭ ସବୁକିଛି ହିଁ ତାଙ୍କର ନିର୍ଦ୍ଦେଶନାରେ, ତାଙ୍କରି ପରିଚାଳନାରେ ସମାପିତ ହୋଇଥାଏ । ପ୍ରତିଟି ଓଡ଼ିଆଙ୍କ ଘରେ ସେ କେବଳ ଠାକୁର ହୋଇ ରହିନାହାଁନ୍ତି ପ୍ରତିଟି ଓଡ଼ିଆଙ୍କ ଜୀବନ ପିଣ୍ଡର ସେ ପ୍ରାଣ ସେ ହେଉଛନ୍ତି ଅନ୍ତରଙ୍ଗ ଆଉ ଆତ୍ମୀୟଙ୍କ ଠାରୁ ବଳୀ । ତାଙ୍କ ପୁଣ୍ୟ ପାବନ ନିତ୍ୟ ବୃନ୍ଦାବନ ଧାମ ନୀଳକନ୍ଦରର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆ ଆଉ ପ୍ରତିଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ପାଇଁ ମୁକ୍ତି, ପୁଣ୍ୟ, ମୋକ୍ଷ ଓ ପରମ ଆନନ୍ଦର ପବିତ୍ର ସ୍ଥାନ । ଯେ କେହି ବି ଶ୍ରୀକ୍ଷେତ୍ରରେ ପାଦଟିଏ ରଖିବା ମାତ୍ରେ ନିଜକୁ ହଜାଇ ଦିଏ ନିଜ ଚତୁଃପାର୍ଶ୍ୱର ତେଲ ଲୁଣର ଜୀବନକୁ ନେଇ । ତାର ଅଜାଣତରେ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ଝରିପଡ଼େ । ସେ ଭକ୍ତି ଭାବରେ ତନମୟ ହୋଇ ନିଜକୁ ହଜାଇ ଦେଇଥାଏ । ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି । ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ । ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ । ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି । ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର । ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ । ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭



# ସାମସଙ୍ଗ ଗାଲାକ୍ସି ଜେଡ୍ ଫୋଲ୍ଡ୭, ଜେଡ୍ ଫ୍ଲିପ୭ ପ୍ରି-ଅର୍ଡ଼ର ଏସ୨୫ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି

ଭୁବନେଶ୍ୱର,୨୫।୭ (ନି.ପ୍ର) : ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଯାହାକି ଖୁବ୍ ନିକଟରେ ଶୁଭାରମ୍ଭ ହୋଇଥିବା ସବୁଠାରୁ ଉନ୍ନତ ମାନର ଗାଲାକ୍ସି ଜେଡ୍ ଫୋଲ୍ଡ୭, ଗାଲାକ୍ସି ଜେଡ୍ ଫ୍ଲିପ୭ ଏବଂ ଗାଲାକ୍ସି ଜେଡ୍ ଫ୍ଲିପ୭ ଏଫଇ ସ୍ମାର୍ଟଫୋନର ଘୋଷଣା କରିଛି ଯାହା ପ୍ରି-ଅର୍ଡ଼ର କ୍ଷେତ୍ରରେ ରେକର୍ଡ଼ ସୃଷ୍ଟି ସହିତ ସପ୍ତମ ପୀଢ଼ିର ଫୋଲଡ଼େବୁଲ ଉଚ୍ଚ ରେକର୍ଡ଼କୁ ଭାଙ୍ଗିଛି ଯାହାକି ଗ୍ରାହକ ମାନଙ୍କର ଅସାଧାରଣ ଉତ୍ସାହକୁ ଏଭଳି ଫୋଲଡ଼େବୁଲ ସ୍ମାର୍ଟଫୋନର ମୁଖ୍ୟଧାରା ଦିଗରେ ସଂକେତ ପ୍ରଦାନ କରୁଅଛି, ଯାହାକି ଭାରତରେ ଜୁଲାଇ ୦୯ ତାରିଖରେ ଏହାର ଶୁଭାରମ୍ଭ ହେବା ପରେ ପ୍ରଥମ ୪୮ ଘଂଟା ମଧ୍ୟରେ ୨,୧୦,୦୦୦ ପ୍ରି-ଅର୍ଡ଼ର ରେକର୍ଡ଼ ସ୍ଥାପନ କରିଛି ଏବଂ ନିଶ୍ଚିତ ଭାବରେ ଏସ୨୫ ଶୃଙ୍ଖଳ ଯାହାକି ପୂର୍ବରୁ ଆସିଥିଲା ମେଳକ ହୋଇପାରିଛି।

"ଏହି ରେକର୍ଡ଼ ସଂଖ୍ୟକ ପ୍ରି-ଅର୍ଡ଼ର ଆମର 'ମେଡ଼ ଇନ ଇଣ୍ଡିଆ' ଫୋଲଡ଼େବୁଲ ସ୍ମାର୍ଟଫୋନକୁ ପୁଣି ଥରେ ଆକର୍ଷଣୀୟ କରିବା ସହିତ ଭାରତୀୟ ଯୁବ ଗ୍ରାହକ ମାନଙ୍କ ମଧ୍ୟରେ ରହିଥିବା ଏହା ଆଧୁନିକତମ ଜ୍ଞାନକୌଶଳକୁ ନେଇ ତ୍ୱରିତ ଭାବରେ ଗ୍ରହଣ କରିବେ ଏହାକୁ ଆମେ ଦୃଢ଼ ଭାବରେ ବିଶ୍ୱାସ ରଖୁଛୁ। ଗାଲାକ୍ସି ଜେଡ୍ ଫୋଲଡ଼୭ ଆମର ଏପର୍ଯ୍ୟନ୍ତ ରହିଥିବା ସମସ୍ତ ସ୍ମାର୍ଟଫୋନ ମଧ୍ୟରେ ସବୁଠାରୁ ଉନ୍ନତ ମାନ, ଶକ୍ତିଶାଳୀ, ନିମଜ୍ଜିତକାରୀ, ବୁଦ୍ଧିମତା ଏବଂ ସମସ୍ତ କଳାକୁ ଏକ ସ୍ଥାପନ କରିବା ସହିତ ଏକ ପୋଟେବୁଲ ଭାବରେ ରହି ଆସିଛି। ଗାଲାକ୍ସି ଜେଡ୍ ଫ୍ଲିପ୭ ସେହିପରି ଭାବରେ ଏହାର ଗ୍ରହଣକାରୀତାକୁ ତଥା ପରିଚାଳନା କରିବାକୁ ବ୍ୟବହାରକାରୀମାନଙ୍କୁ ସଶକ୍ତ କରିବା ସହିତ ଅଧିକ ସ୍ମାର୍ଟ, ଏହା ସହିତ ନିମଜ୍ଜିତ ହୋଇ ଦୁନିଆରେ ନିଜକୁ ଦେଖାଇବା ଭଳି ଆକର୍ଷଣୀୟତାରେ ଭରି ରହିଛି।



ନୂତନ ୱାନ ୟୁଆଇ୮ ଏବଂ ଆଣ୍ଡ୍ରଏଡ଼୧୬ର ସଠିକ୍ ଗୁଣବତାକୁ ନେଇ ଏହା ପ୍ୟାକ୍ ହେବା ସହିତ ଏହି ନୂତନ ଉପକରଣଟି ମଲଟି ମୋଡ଼ାଲ ଏଆଇ ଅଭିଜ୍ଞତାର ଏକ ବାସ୍ତବ ପ୍ରଦାନକାରୀତା ଅଟେ। ଏଭଳି ଏକ ନୂତନ ଉପକରଣର ବାସ୍ତବ ଭିତିଭୂମି ପ୍ରତିଷ୍ଠାର ସଫଳତା ଆମର ବିରାଟ ଲକ୍ଷ୍ୟକୁ ସଫଳତା ଦିଗରେ ନେବା ସହିତ ଏହାକୁ ଭାରତରେ ଏକ ପ୍ରମୁଖ ଫୋଲଡ଼େବୁଲ ସ୍ମାର୍ଟଫୋନ ଭାବରେ ସମସ୍ତଙ୍କ ପାଖରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ," ମତବ୍ୟକ୍ତ କରି କହିଛନ୍ତି ଜେବି ପାର୍କ, ସଭାପତି ଏବଂ ସିଇଓ, ସାମସଙ୍ଗ ସାଉଥଓ୍ୱେଷ୍ଟଏସିଆ।

ନିରବଚ୍ଛିନ୍ନ ଭାବରେ ନିଜର ଦୃଢ଼ ଯାନ୍ତ୍ରୀକ ତଥା ଶକ୍ତିଶାଳୀ ବୁଦ୍ଧିମତାକୁ ନେଇ ଦୈନନ୍ଦିନର ଆଦାନ ପ୍ରଦାନକୁ ଶୃଙ୍ଖଳିତ ଭାବରେ ବହନ କରି, ଗାଲାକ୍ସି ଜେଡ୍ ଫୋଲ୍ଡ୭ ଏହାର ପତଳା ଏବଂ ହାଲୁକା ଅବତାର ସହିତ ଆଜି ତାରିଖରେ ଆସିଅଛି। କେବଳ ୨୧୫ ଗ୍ରାମର ଏହି ଗାଲାକ୍ସି ଜେଡ୍ ଫୋଲ୍ଡ୭ ଏପରିକି ଗାଲାକ୍ସି ଏସ୨୫ ଅଲଟ୍ରା ଠାରୁ ମଧ୍ୟ ପତଳା ଅଟେ। ଫୋଲ୍ଡ ହୋଇଥିବା ସମୟରେ ଏହା ୮.୯ ମି.ମି. ପତଳା ରହିଥିବା ବେଳେ ୪.୨ ମି.ମି.ର ପତଳା ଏହା ଫୋଲ୍ଡ ନଥିବା ସମୟରେ ରହିଥାଏ। ଯେତେବେଳେ ଏହାର ନୂତନ ଦକ୍ଷତା ଏବଂ ଉତ୍ପାଦକତାର ସ୍ତର ବଡ଼ଭାବରେ ଖୋଲାଯାଇଥାଏ ଅଧିକ ମାତ୍ରାରେ ନିମନ୍ତ୍ରିତକାରୀତାର ଦୃଶ୍ୟମାନତା ଏଥିରେ ଆସିଥାଏ ଏବଂ ସେତେବେଳେ ଏହା ଅଲଟ୍ରା-ସ୍ମାର୍ଟଫୋନର ଅଭିଜ୍ଞତାକୁ ନେଇ ଏକ ଏକ ପ୍ରିମିୟମ କାର୍ଯ୍ୟ ଦକ୍ଷତା ପ୍ରଦାନ କରିଥାଏ। ଏହା ଏକ କମ୍ପାକ୍ଟ ଏଆଇ ଫୋନ ଅଟେ ଯାହା ବିବିଧ ମୋଡ଼ାଲ ସକ୍ଷମକାରୀତାକୁ ନେଇ ଆସିଥାଏ ଯାହାକି ଏକ ନୂତନ ଫ୍ଲେକ୍ସ ୱିଣ୍ଡୋ ଦ୍ୱାରା କ୍ଷମତାପ୍ରାପ୍ତ।

# ପିଏନ୍‌ବି କଟକ ସର୍କଲ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ



କଟକ,୨୫।୭ (ନି.ପ୍ର) : ଦେଶର ଅଗ୍ରଣୀ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ କଟକର ରଶ୍ମି ପ୍ୟାଲେସଠାରେ ଏକ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ, ଜିଏସ୍‌ଟି ଏକ୍ସପ୍ରେସ୍ ଏବଂ ପ୍ରାଇମ ପ୍ଲସ ଆଦିକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ରାକେଶ ଗାନ୍ଧୀଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟ୍‌ୱାର୍କିଂ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସମର୍ଥନ କରିବାକୁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ପିଏନ୍‌ବି ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ପାଇଁ ଅସୁବିଧାମୁକ୍ତ ଋଣ ପ୍ରକ୍ରିୟା ଏବଂ ପ୍ରତିଯୋଗିତାମୂଳକ ସୁଧ ହାର ଉପରେ ପ୍ରାଧାନ୍ୟ ଦେଇ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରଗୁଡ଼ିକୁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମ ଅବସରରେ ଅଂଶଗ୍ରହଣକାରୀମାନେ ଏମ୍‌ଏସ୍‌ଏମ୍‌ଇ ପାଇଁ ପିଏନ୍‌ବିର ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶିଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ୍ ସେବା ଅନ୍ତର୍ଭୁକ୍ତ ଥିଲା। ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ରାକେଶ ଗାନ୍ଧୀ କହିଥିଲେ। ଏହି ଆଉଟରିଚ୍ କାର୍ଯ୍ୟକ୍ରମ ଉଦ୍ୟୋଗୀମାନଙ୍କ ସହିତ ସମ୍ପର୍କ ସ୍ଥାପନା କରିବା ଏବଂ ସେମାନଙ୍କ ଅଭିବୃଦ୍ଧି ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଇବା ହେଉଛି ଏକ ଉତ୍କୃଷ୍ଟ ପ୍ଲାଟଫର୍ମ। ଅନ୍ୟମାନଙ୍କ ମଧ୍ୟରେ ଉପ ସର୍କଲ ମୁଖ୍ୟ ପାର୍ଥ ଜ୍ୟୋତି ଦ୍ୱିବେଦୀ, ଯୋଜନା ଏବଂ ବିକାଶ ବିଭାଗର କାର୍ଯ୍ୟକାରୀ ପ୍ରବନ୍ଧକ ଦୀପକ କୁମାର ପ୍ରଧାନ ଏବଂ ମାର୍କେଟିଂ ଅଧିକାରୀ ଅର୍ଚ୍ଚନା କ୍ରୀଷ୍ଟଦର୍ଶିନୀ ଉପସ୍ଥିତ ଥିଲେ।

# ହିଣ୍ଡାଲକୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨ଟି ଏମଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୨୫।୭ (ନି.ପ୍ର) : ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଓଡ଼ିଶାରେ ୨୦୦ କୋଟି ଟଙ୍କା ନିବେଶ ପାଇଁ ଧାର୍ଯ୍ୟ ହୋଇଅଛି । ଫଳରେ ଓଡିଶାର କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ପ୍ରତିଷ୍ଠା ହେବ ପୋଷାକ ତିଆରି କାରଖାନା । ସମ୍ପ୍ରତି ଶୁକ୍ରବାର ଦିନ ହିଣ୍ଡାଲ୍କୋ କର୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୁଇଟି ପୃଥକ ଏମଓୟୁ ସ୍ୱାକ୍ଷର ହୋଇଯାଇଛି ।ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନଚରଣ ମାଝିଙ୍କ ଉପସ୍ଥିତିରେ ହିଣ୍ଡାଲ୍କୋ କର୍ପୋରେଟ ଅଫେୟାର ଅଧକ୍ଷ ଶ୍ରୀ ଅର୍ଦ୍ଧେନ୍ଦୁ ମହାପାତ୍ର ଓ ଦକ୍ଷତା ବିକାଶ ଏବଂ ଯାନ୍ତ୍ରିକ ଶିକ୍ଷା ବିଭାଗ ସଚିବ ଶ୍ରୀ ବିଏସ ପୁନିଆଙ୍କ ମଧ୍ୟରେ ଏହି ଏମଓୟୁ ଦସ୍ତାବିଜ ଆଦାନ ପ୍ରଦାନ ହୋଇଛି । ଭୁବନେଶ୍ୱର ସ୍ଥିତ ରାଜ୍ୟ ସଚିବାଳୟ ସମ୍ମିଳନୀ କକ୍ଷ ଠାରେ ଫିକି ସହଯୋଗରେ ଆୟୋଜିତ ଟେକ୍ସଟାଇଲ ନିବେଶକ ସମ୍ମିଳନୀ ୨୦୨୫ (ଟେକ୍ସ-୨୦୨୫)ରେ କମ୍ପାନୀ ତରଫରୁ ରାଜ୍ୟର ଏହି ଦୁଇଟି ସ୍ଥାନରେ କାରଖାନା ପ୍ରତିଷ୍ଠା ସକାଶେ ୨୦୦ କୋଟି ଟଙ୍କା ପୁଞ୍ଜି ନେବେଶ ପାଇଁ ନିଷ୍ପତି ହୋଇଛି । ଉକ୍ତ ଦୁଇଟି ପୋଷାକ କାରଖାନା ଆଗାମୀ ଦିନରେ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଏଥିରେ ୨୪୦୦ ଯୁବ ବର୍ଗଙ୍କୁ କର୍ମନିଯୁକ୍ତି ନିମନ୍ତେ ସମ୍ଭାବନା ସୃଷ୍ଟି ହେବ ।ଏହି ଅବସରରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ଟେକ୍ସଟାଇଲ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ରାଜ୍ୟ ମୁଖ୍ୟ ସଚିବ ଶ୍ରୀ ମନୋଜ ଆହୁଜା, ବିକାଶ ଆଯୋଗ ଶ୍ରୀ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପଦକ୍ଷପ ଦ୍ୱାରା ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଓଡ଼ିଶାରେ ଏହାର ସ୍ଥିତି ଆହୁରି ବୃଦ୍ଧି କରିଛି । ଦାୟିତ୍ୱବାନ ଶିଳ୍ପ ପ୍ରତିଷ୍ଠାନ ଭାବେ ରାଜ୍ୟରେ ଏହାର ପରିଚୟ ସୁଦୃଢ ହେବ ଦ୍ୱାରା ଆଗାମୀ ଦିନରେ କମ୍ପାନୀ ତରଫରୁ ଶତାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ କମ୍ପାନୀ କର୍ତୃପକ୍ଷଙ୍କ ତରଫରୁ ଉଦ୍ୟମ ଜାରି ରହିବ।




# କୃଷକମାନଙ୍କୁ ସଶକ୍ତ କରିବାର ୬୦ ବର୍ଷ ପାଳନ କରୁଛି ନେଟାଫିମ୍ ଇଣ୍ଡିଆ

ମୁମ୍ବାଇ,୨୫।୭: ସଠିକ ଜଳସେଚନ ସମାଧାନରେ ବିଶ୍ୱର ଅଗ୍ରଣୀ ତଥା ନେଟାଫିମ୍ ଓର୍ବିଆର ପ୍ରିସିସନ୍ ଏଗ୍ରିକଲ୍‌ଚର ବିଜ୍‌ନେସର ସହାୟକ କମ୍ପାନୀ ନେଟାଫିମ୍ ଇଣ୍ଡିଆ କୃଷି କ୍ଷେତ୍ରରେ ୬୦ ବର୍ଷର ନବସୃଜନ, ପ୍ରଭାବ ଏବଂ ନେତୃତ୍ୱକୁ ପାଳନ କରୁଛି। ଏହି ମାଇଲଖୁଂଟ କୃଷି ପରିବର୍ତନ, ଖାଦ୍ୟ ସୁରକ୍ଷା ଅଗ୍ରଗତି, ଜଳବାୟୁ ନମନୀୟତା ଏବଂ ସମଗ୍ର ବିଶ୍ୱରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବାର ଛଅ ଦଶନ୍ଧି ଚିହ୍ନିତ କରେ।

ନିଜର ୬୦ ବର୍ଷର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ, ନେଟାଫିମ୍ ଇଣ୍ଡିଆ ଦଶଟି ରାଜ୍ୟରେ ବ୍ୟାପକ ସ୍ତରରେ କୃଷକ ଶିକ୍ଷା ପଦକ୍ଷେପ ଆରମ୍ଭ କରିବ। ଏହି କାର୍ଯ୍ୟକ୍ରମ ଏକ ଲକ୍ଷରୁ ଅଧିକ କୃଷକଙ୍କ ନିକଟରେ ପହଂଚିବ, ଯେଉଁଥିରେ କ୍ଷୁଦ୍ର ଚାଷୀ, ମହିଳା ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଉପରେ ଗୁରୁତ୍ୱ ଦିଆଯିବ। ଭାରତରେ, ନେଟାଫିମ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି-୧୨ ଲକ୍ଷରୁ ଅଧିକ କୃଷକଙ୍କ ନିକଟରେ ପହଂଚି ୧୩ ଲକ୍ଷ ହେକ୍ଟର ଜମିକୁ ସ୍ମାର୍ଟ ଜଳସେଚନ ଅଧୀନରେ ଆଣିଛି। ଏହାର ସଠିକ୍ ଜଳସେଚନ ସମାଧାନ ଭାରତୀୟ କୃଷକମାନଙ୍କୁ ୩୦-୪୦% ପର୍ଯ୍ୟନ୍ତ




ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିଛି, ଯେତେବେଳେ କି ଜଳ ବ୍ୟବହାରକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି, ଯାହା ଏକ ଜଳବାୟୁ-ନମନୀୟ ଏବଂ ଜଳ-ଦକ୍ଷ କୃଷି ଇକୋସିଷ୍ଟମରେ ଯୋଗଦାନ ଦେଇଛି।

ଶ୍ରୀ ରଣଧୀର ଚୌହାନ, ପରିଚାଳନା ନିର୍ଦ୍ଦେଶକ, ନେଟାଫିମ୍ ଇଣ୍ଡିଆ ଏହି ଅବସରରେ କହିଥିଲେ, "ଆମେ ବିଶ୍ୱ ସ୍ତରରେ ୬୦ ବର୍ଷ ପାଳନ କରୁଛୁ ଏବଂ ଆମର ଲକ୍ଷ୍ୟ ଅପରିବର୍ତିତ ରହିଛି। ଭାରତୀୟ କୃଷକମାନଙ୍କୁ କମ୍ ନିବେଶ ସହିତ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିବା। ଏହି ମାଇଲଖୁଂଟ କେବଳ ଅତୀତକୁ ପ୍ରତିଫଳିତ କରିବା ନୁହେଁ ବରଂ ଏକ ସ୍ମାର୍ଟ, ଅଧିକ ସମାବେଶୀ ଏବଂ ଜଳବାୟୁ-ନମନୀୟ କୃଷି ଭବିଷ୍ୟତ ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଥାଏ। ଭାରତର ବିବିଧ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ପରିସ୍ଥିତି ବିଷୟରେ ଗଭୀର ଜ୍ଞାନ ସହିତ, ଆମେ ଅନ୍ୟ ଅଂଶୀଦାରମାନଙ୍କ ସହିତ ପ୍ରମୁଖ କୃଷି ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସରକାରଙ୍କ ବିଶ୍ୱସ୍ତ ଅଂଶୀଦାର ହୋଇଛୁ। ଏହି କ୍ଷେତ୍ରରେ ଜଣେ ଅଗ୍ରଣୀ ଭାବେ, ଆମେ ସାରା ଦେଶରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ସମାଧାନ ପ୍ରସ୍ତୁତ କରିଛୁ। ଆମର ଯାତ୍ରା କୃଷକମାନଙ୍କ ବିଶ୍ୱାସ, ଆମର ସହଯୋଗର ଶକ୍ତି ଏବଂ ଆମ ଲୋକଙ୍କ ଉତ୍ସାହ ଦ୍ୱାରା ପରିଚାଳିତ ଏବଂ ଏହା ସର୍ବଦା ଆମର ସବୁଠାରୁ ବଡ଼ ଶକ୍ତି ରହିବ।" ଏହା ସହିତ, ସାରା ଭାରତରେ ୧୨୦୦ରୁ ଅଧିକ କର୍ମଚାରୀଙ୍କ ସହିତ, ନେଟାଫିମ୍ "ନେତୃତ୍ୱର ୬୦ ବର୍ଷ ପାଳନ" ସହିତ ଏକ ଦେଶବ୍ୟାପୀ କର୍ମଚାରୀ ଅଭିଯାନ ଆରମ୍ଭ କରିବ। ଏହି ଅଭିଯାନରେ '୬୦ ଡେଜ୍ ଅଫ୍ ଇମ୍ପାକ୍ଟ' ଭଳି ପଦକ୍ଷେପ ସାମିଲ ରହିଛି, ଯାହା କୃଷକ ସମ୍ପ୍ରଦାୟ ସହିତ କର୍ମଚାରୀମାନଙ୍କୁ ଯୋଡ଼ିବା ଲାଗି ଏକ ସ୍ୱେଚ୍ଛାସେବୀ ଅଭିଯାନ; କର୍ମଚାରୀଙ୍କ ଯାତ୍ରାକୁ ଗୁରୁତ୍ୱ ପ୍ରଦାନ କରୁଥିବା 'ଭଏସେସ୍ ଅଫ୍ ନେଟାଫିମ୍' ସିରିଜ୍; ଏବଂ ଭବିଷ୍ୟତର କୃଷି-ନେତୃତ୍ୱମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ଦକ୍ଷତା-ନିର୍ମାଣ କାର୍ଯ୍ୟକ୍ରମ। ସମସ୍ତ ନେଟାଫିମ୍ ଇଣ୍ଡିଆ କାର୍ଯ୍ୟାଳୟ, କାରଖାନା ଏବଂ କ୍ଷେତ୍ର ସ୍ଥାନରେ ୬୦ ବର୍ଷର ଉତ୍ସବ ଅନୁଷ୍ଠିତ ହେବ। ଏହାଦ୍ୱାରା କର୍ମଚାରୀ, କୃଷକ ଏବଂ ଅଂଶୀଦାରମାନଙ୍କୁ ସାମୂହିକ ଉତ୍ସବରେ ଏକାଠି କରାଯିବ। ଏହି ଉତ୍ସବର ଉଦ୍ଦେଶ୍ୟ ହେଉଛି ଆମର ଇଭିପି ଯେଉଁଠାରେ "ଜୀବନରେ ନିହିତ ଉଦ୍ଦେଶ୍ୟ" ଉପରେ ଆଲୋକପାତ କରିବା ଏବଂ ଏହାକୁ ଦୋହରାଇବା-ଆମର ଇଭିପି ଆମର ଉଦ୍ଦେଶ୍ୟ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

# ନାଲକୋର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କଲେ ରାଜ୍ୟପାଳ

## ସିଏସ୍‌ଆର ଅଧିନରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୫।୭ (ନି.ପ୍ର) : ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଶୁକ୍ରବାର ଦିନ ନାଲକୋ (ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିଃ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ନାଲକୋର ଚେୟାରମ୍ୟାନ-ତଥା-ମ୍ୟାନେଜିଂ ଡାଇରେକ୍ଟର ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ କମ୍ପାନୀର କାର୍ଯ୍ୟଧାରା ସଂପର୍କରେ ଆଲୋଚନା କରି ନାଲକୋ ସିଏସ୍‌ଆର ଅଧିନରେ ରାଜ୍ୟର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି। ଝିଅ ଓ ମହିଳାମାନଙ୍କ ମଧ୍ୟରେ କମ ହିମୋଗ୍ଲୋବିନସ୍ତର ଏବଂ ପିଲାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଦୃଷ୍ଟି ସମସ୍ୟାର ସମାଧାନ ପାଇଁ ଲକ୍ଷଭିତ୍ତିକ ପଦକ୍ଷେପର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ।




ରକ୍ତଦାନ ଅଭିଯାନରେ ମହିଳାମାନଙ୍କ କମ ଅଂଶଗ୍ରହଣ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହି ସମସ୍ୟାର କାରଣ ଇଚ୍ଛାଗତ ନୁହେଁ ବରଂ ସ୍ୱାସ୍ଥ୍ୟଗତ ପ୍ରତିବନ୍ଧକ ଅଟେ। ଅନେକ ଝିଅ ଏବଂ ମହିଳା କମ ହିମୋଗ୍ଲୋବିନସ୍ତର ଯୋଗୁଁ ରକ୍ତଦାନ କରି ପାରିବେ ନାହିଁ । ଏସବୁ ସମସ୍ୟାର ସମ୍ଭାବ୍ୟ ସମାଧାନ ଭାବରେ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଖାଦ୍ୟରେ ଗାଜର – ବିଟରୁଟ ରସ ଏବଂ ଗୁଡ଼ ଚିକି ଭଳି ସରଳ ଏବଂ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏପରି ପଦକ୍ଷେପର ପ୍ରଭାବ ଜାଣିବା ପାଇଁ ନିୟମିତ ପରୀକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଲକୋ ସିଏସ୍‌ଆର ର ଏକ ଅଂଶ ଭାବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମ ହାତକୁ ନେବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ। ସ୍କୁଲ ପିଲାମାନଙ୍କ ମଧ୍ୟରେ ଦୃଷ୍ଟି ସମସ୍ୟା ବୃଦ୍ଧି ପାଇବା ଉପରେ ଚିନ୍ତା ପ୍ରକଟ କରି ରାଜ୍ୟପାଳ ସୁଲଭ ସ୍କ୍ରିନିଂ ଉପକରଣର ଉପଯୋଗିତା ଉପରେ ଆଲୋକପାତ କରିଥିଲେ ଏବଂ ଶିକ୍ଷକମାନଙ୍କୁ ଏହି ଉପକରଣର ବ୍ୟବହାର ସଂପର୍କରେ ତାଲିମ ଦିଆଗଲେ ଶ୍ରେଣୀ ଗୃହରେ ପିଲାଙ୍କର ଦୃଷ୍ଟି ଶକ୍ତି ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ହୋଇପାରିବ ଏବଂ ପିତାମାତାଙ୍କୁ ପିଲାମାନଙ୍କ ପାଇଁ ସମୟୋଚିତ ଚିକିତ୍ସା ସହାୟତା ପାଇବା ପାଇଁ ମାର୍ଗଦର୍ଶନ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସହଯୋଗମୂଳକ ପ୍ରୟାସ ପାଇଁ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ସରକାରୀ ବିଭାଗ ଏବଂ ସିଭିଲ ସୋସାଇଟି ଅନୁଷ୍ଠାନକୁ ସାମିଲ କରାଯାଇ ଏକ ବୈଠକ କରିବାକୁ ଯୋଜନା କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ। ନାଲକୋ ର ସ୍ଥିର ଲାଭଦାୟକତା ଏବଂ ଜାତୀୟ ବିକାଶରେ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ନାଲକୋ ତରଫରୁ ସୌର ଶକ୍ତିର ବ୍ୟବହାରକୁ ବିସ୍ତାରିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ଅବସରରେ ରାଜ୍ୟପାଳ ନାଲକୋ ଭବନ ପରିସରରେ "ଏକ ପେଡ୍ ମା' କେ ନାମ" ଅଭିଯାନ ଅଧିନରେ ଏକ ବୃକ୍ଷ ଚାରା ରୋପଣ କରିଥିଲେ ।

# ବନ୍ତାରା ଏବଂ ପ୍ରୋଜେକ୍ଟ ଏଲିଫାଣ୍ଟ ପକ୍ଷରୁ ହାତୀମାନଙ୍କ ସେବା ପାଇଁ ସମର୍ପିତ ଭାରତର ସର୍ବବୃହତ ତାଲିମ କାର୍ଯ୍ୟକ୍ରମ ଆୟୋଜନ

ଜାମନଗର,୨୫।୭ : ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିଚାଳିତ ଭାରତର ଅଗ୍ରଣୀ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ବନ୍ତାରା, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପ୍ରୋଜେକ୍ଟ ଏଲିଫାଣ୍ଟ ସହିତ ମିଳିତ ଭାବରେ ଜାମନଗରରେ ଏକ ପାଞ୍ଚ ଦିନିଆ 'ବନ୍ତାରା ଗଜରାଜ ସମ୍ମିଳନୀ' ଆୟୋଜନ କରିଛି। ଏହା ହାତୀଙ୍କ ସେବା ଏବଂ ଯତ୍ନ ପାଇଁ ସମର୍ପିତ ଦେଶର ସବୁଠାରୁ ବଡ ତାଲିମ କାର୍ଯ୍ୟକ୍ରମ। ସମ୍ମିଳନୀରେ, ୧୦୦ ରୁ ଅଧିକ ମାହୁନ୍ତ ଏବଂ ହାତୀ ବିଶେଷଜ୍ଞଙ୍କୁ ଉଭୟ ପାରମ୍ପରିକ ଏବଂ ବୈଜ୍ଞାନିକ ଯତ୍ନ ପଦ୍ଧତି ବିଷୟରେ ତାଲିମ ଦିଆଯିବ। ତାଲିମ ସମାପ୍ତ ହେବା ପରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ବନ୍ତାରାର ସିଇଓ ଭିଭାନ କରାନି କହିଛନ୍ତି, "ଏହି ସମ୍ମିଳନୀ କେବଳ ତାଲିମ ପାଇଁ ଏକ ମଞ୍ଚ ନୁହେଁ, ବରଂ ଏକ ସମ୍ବେଦନଶୀଳ ଏବଂ କରୁଣାମୟ ଭବିଷ୍ୟତର ମୂଳଦୁଆ। ଆମର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟରେ ହାତୀମାନଙ୍କ କଲ୍ୟାଣ ପାଇଁ ଏକ ସଶକ୍ତ ଏବଂ ସ୍ଥାୟୀ ବ୍ୟବସ୍ଥା ସୃଷ୍ଟି କରିବା। ଏହା ଦର୍ଶାଉଛି ଯେ ହାତୀ ସଂରକ୍ଷଣ କେବଳ ନୀତି ଏବଂ ବାସସ୍ଥାନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସେମାନଙ୍କ ଯତ୍ନ ନେଉଥିବା ଲୋକଙ୍କ କୁଶଳତା ଏବଂ ସମ୍ବେଦନଶୀଳତା ଉପରେ ମଧ୍ୟ ଆଧାରିତ।" ଏହି କାର୍ଯ୍ୟକ୍ରମ ଜାମନଗରର ରାଧେ କୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟ ପରିସରରେ ଆୟୋଜିତ ହେଉଛି, ଯାହା ବନ୍ତାରା ଅଧୀନରେ କାର୍ଯ୍ୟ କରୁଥିବା ଏକ କଲ୍ୟାଣକାରୀ ସଂସ୍ଥା। ବନ୍ତାରାରେ ବର୍ତ୍ତମାନ ୨୫୦ ରୁ ଅଧିକ ହାତୀଙ୍କ ଯତ୍ନ ନିଆଯାଉଛି, ଯେଉଁମାନଙ୍କ ସେବାରେ ୫୦୦ ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ନିୟୋଜିତ ଅଛନ୍ତି। ଏହା ବ୍ୟତୀତ, ଆଫ୍ରିକୀୟ ଦେଶ କଙ୍ଗୋର ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ତାଲିମ ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ଅଛନ୍ତି। ଜାତୀୟ ଚିଡ଼ିଆଖାନା ନିର୍ଦ୍ଦେଶକ ସମ୍ମିଳନୀ ମଧ୍ୟ ଅକ୍ଟୋବରରେ ବନ୍ତାରାରେ ଅନୁଷ୍ଠିତ ହେବ। ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଦେଶ ଏବଂ ବିଶ୍ୱର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ବନ୍ୟପ୍ରାଣୀଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଲୋକମାନେ ଗୋଟିଏ ମଞ୍ଚରେ ଏକାଠି ହୋଇ ସହଯୋଗ, ଆଲୋଚନା ଏବଂ ସଂରକ୍ଷଣ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ ଭାବରେ ଆଗକୁ ବଢ଼ାଇପାରିବେ।




# ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା

ଭୁବନେଶ୍ୱର,୨୫।୭ (ନି.ପ୍ର) : ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ଏକ ରଣନୈତିକ ମାଇଲଖୁଂଟ ଯାହା ଭାରତର ବୈଶ୍ୱିକ ଭାବମୂର୍ତ୍ତିକୁ ବୃଦ୍ଧି କରିଛି ଏବଂ ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ସୁଯୋଗକୁ ଉନ୍ମୁକ୍ତ କରିଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଉପାଦାନ, କଂଚାମାଲ ଏବଂ ପୁଞ୍ଜି ଉପକରଣ ଉପରେ ଶୁଳ୍କକୁ ସମାପ୍ତ କରି, ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିଥାଏ ଏବଂ 'ମେଡ ଇନ୍ ଇଣ୍ଡିଆ' ଉତ୍ପାଦଗୁଡ଼ିକର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିଛି। ଅଶୋକ ଚନ୍ଦକ, ସଭାପତି, ଏସ୍‌ଇଏମ୍‌ଆଇ ଇଣ୍ଡିଆ ଏବଂ ଆଇଇଏସ୍‌ଏ କହିଛନ୍ତି ଭାରତ-ବ୍ରିଟେନ ଏଫଟିଏ" ଦ୍ୱାରା 'ମେଡ ଇନ ଇଣ୍ଡିଆ'କୁ ଶକ୍ତି ପ୍ରଦାନ କରିଛି ଏହା ଦ୍ୱାରା ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ଲାଭବାନ ହେବ ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଅଞ୍ଚଳ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ




ସମ୍ବଲପୁର,୨୫।୭ (ନି.ପ୍ର) : ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର ଅଞ୍ଚଳ ପକ୍ଷରୁ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗିରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବ୍ୟାଙ୍କ ପକ୍ଷରୁ ୩୦ଟି ଷ୍ଟ୍ରେଚର ଏବଂ ୩୦ଟି ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ବ୍ୟାଙ୍କର ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲାଙ୍ଗିର ଶାଖା ତରଫରୁ ଆନୁଷ୍ଠାନିକ ଭାବେ ଏହା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡଃ ସ୍ୱୟଂପ୍ରଭା ପ୍ରଧାନ, ମେଡିକାଲ ସୁପରିଟେଣ୍ଡେଟ୍ ଡଃ ମାନସୀ ପଣ୍ଡା, ଫାଇନାନ୍ସ ଅଫିସର ମୁରାରୀ ପ୍ରସାଦ ସାହୁ ଏବଂ ଆଡମିନିଷ୍ଟ୍ରେଟିଭ ଅଫିସର ଜୟଶ୍ରୀ ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଲାଙ୍ଗିର ଶାଖାର ମୁଖ୍ୟ ପ୍ରବନ୍ଧକ ଶଶି ଶେଖର ବେହେରାଙ୍କ ସମେତ ଅଞ୍ଚଳ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମାଜ କଲ୍ୟାଣ ପ୍ରତି ଦୃଢ ପ୍ରତିବଦ୍ଧତା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ କରିବା ପାଇଁ ଏହାର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଅଛି।



# ଓଡିଶାରେ ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୨୫।୭ (ନି.ପ୍ର) : ଅକ୍ଷୟଶକ୍ତି କ୍ଷେତ୍ରରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା। ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରାପ୍ତ ହୋଇଛି । ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି (SWC) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ଏହି ବୈଠକରେ GRIDCO ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡକୋ ଏବଂ ଓଏଚପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (RENA) ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା।

ଅନୁମୋଦିତ ପ୍ରକଳ୍ପମାନଙ୍କ ମଧ୍ୟରେ ରହିଛି, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ଆଇନକ୍ସ୍ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡା ର ଲଖନପୁର ଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁରର ପାପଡାହାଣ୍ଡିରେ ଏନ୍.ଏଲ୍.ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ।

ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟି ଟଙ୍କା ର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ତଥା ରାଜ୍ୟରେ ଏକ ସହଜ ଓ ସୁବିଧାଜନକ ଉଦ୍ୟୋଗ ଅନୁକୁଳ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ପ୍ରକଳ୍ପ ଗୁଡିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ।

# ମାଙ୍ଗ୍ରୋଭସ୍ ପାଇଁ ଏକ ସ୍ୱର: ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟରରେ ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ''ଦ ମ୍ୟାନଗ୍ରୋଭସ୍ ରିଜେନେରେସନ୍ ପ୍ଲେଜ୍''ର ଶୁଭାରମ୍ଭ

ପୁରୀ,୨୫।୭ (ନି.ପ୍ର) : ବିଶ୍ୱ ମାଙ୍ଗ୍ରୋଭ୍ ଦିବସ ପାଳନର ୧୦ମ ବର୍ଷ ପୂର୍ତ୍ତି। ଏହି ଅବସରରେ ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟର ଏହାର ବ୍ରାଣ୍ଡ ଆମ୍ବାସଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇ-ଡେସିବଲ ୩୬୦ ଅଭିଯାନକୁ ଉନ୍ମୋଚନ କରିଛି। ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ଅଛି ଯାହା ଭାରତର ମାଙ୍ଗ୍ରୋଭ୍ ଇକୋସିଷ୍ଟମର ଭଙ୍ଗୁର ସୌନ୍ଦର୍ଯ୍ୟ ଏବଂ ସେଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରେ। 'ଦି ମାଙ୍ଗ୍ରୋଭ୍ସ ରିଜେନେରେସନ୍ ପ୍ଲେଜ୍' ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଳାନ୍ତ ଭାବରେ କାମ କରୁଥିବା ଲୋକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ।



ରାଜ୍ୟର ପୂର୍ବ ଉପକୂଳରେ ଆରମ୍ଭ ହୋଇଥିବା ଏକ ତିନି ବର୍ଷିଆ, ଗୋଷ୍ଠୀଭିତ୍ତିକ ପଦକ୍ଷେପ। ଏହି ପ୍ରକଳ୍ପ ୬୨ ଏକରରୁ ଉର୍ଦ୍ଧ୍ୱ ପତିତ ଜମିକୁ ପୁନରୁଦ୍ଧାର କରିବା ସହ ୩୦ ହଜାରରୁ ଉର୍ଦ୍ଧ୍ୱ ମାଙ୍ଗ୍ରୋଭ୍ ଚାରା ରୋପଣ କରିବା ସହ ୫ଟି ଉପକୂଳବର୍ତ୍ତୀ ଗ୍ରାମକୁ ଦୀର୍ଘକାଳୀନ ସଂରକ୍ଷଣ ପ୍ରୟାସରେ ସହଯୋଗ କରୁଛି। ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟର ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ - ମାର୍କେଟିଂ ମୁଖ୍ୟ ବରୁଣ କୁରିଚ୍ ମତ ଦେଇଛନ୍ତି, 'ଓଡ଼ିଶାରେ ମାଙ୍ଗ୍ରୋଭ୍ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ - ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି। ଆମର ପ୍ରସ୍ତାବ 'ପ୍ରକୃତି ସହିତ ଗୋଟିଏ' ସହିତ, ଆମେ ମାଙ୍ଗ୍ରୋଭ୍ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ। ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟରରେ ଆମେ ସଚେତନ ଜୀବନ ପାଇଁ ଠିଆ ହୋଇଛୁ ଏବଂ ଏହା ଏପରି କିଛି ଯାହା ଆମେ ଅଭିଯାନ ଏବଂ ମାଙ୍ଗ୍ରୋଭ୍ ପୁନର୍ଜନ୍ମ ପ୍ରକଳ୍ପ କିମ୍ବା ଜିରୋ ସଙ୍ଗୀତ ମହୋତ୍ସବ ଭଳି ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଯୋଗାଯୋଗ କରିଛୁ। ଏହି ପଦକ୍ଷେପ ଲୋକ ଏବଂ ଗ୍ରହ ଉଭୟ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବ - ଆମର ଦର୍ଶକଙ୍କୁ ପ୍ରେରଣା ଦେବ ଏବଂ ପ୍ରକୃତିରେ ପ୍ରକୃତିର ଯତ୍ନ ନେବାକୁ ଆମକୁ ସମର୍ଥନ କରିବ।''

ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟରର ବ୍ରାଣ୍ଡ ଆମ୍ବାସାଡର ଆୟୁଷ୍ମାନ ଖୁରାନା କହିଛନ୍ତି, 'ମୁଁ ଏହି ଅଭିଯାନ ପ୍ରତି ଆକର୍ଷିତ ହୋଇଛି ଯେ ଏହା ବାସ୍ତବ ଏବଂ ବାସ୍ତବ କାର୍ଯ୍ୟରେ କେତେ ନିହିତ ଅଛି। ଏହା କେବଳ ଏକ ଫିଲ୍ମ ନୁହେଁ - ଏହା ଏକ ଶ୍ରଦ୍ଧାଞ୍ଜଳି। ଏହି ପଦକ୍ଷେପର ହୃଦୟ ଭାବରେ ମାଙ୍ଗ୍ରୋଭକୁ ବାଛିବା ଶକ୍ତିଶାଳୀ କାରଣ ଉପକୂଳକୁ ସୁରକ୍ଷା ଦେବା, ଜୈବ ବିବିଧତା ପୁନରୁଦ୍ଧାର ଏବଂ ପ୍ରତିଦିନ ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ସହ ସେମାନେ ନୀରବ ଯୋଦ୍ଧା। ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟରର ଦୃଷ୍ଟିକୋଣ କେବଳ ସଚେତନତା ସୃଷ୍ଟି କରିବା ନୁହେଁ ବରଂ ପ୍ରକୃତିର ଯତ୍ନ ନେବାରେ ସକ୍ରିୟ ପଦକ୍ଷେପ ନେବା ବିଷୟରେ। ମୁଁ ଆଶା କରୁଛି ଯେ ଏହି ଅଭିଯାନ ମୋତେ ଯେପରି ପ୍ରେରଣା ଦେଇଥିଲା ସେହିପରି ଅନ୍ୟମାନଙ୍କୁ ପ୍ରେରଣା ଦେବ, ଏବଂ ମୁଁ ସମସ୍ତଙ୍କୁ ପ୍ରତିଜ୍ଞା ସ୍ୱାକ୍ଷର କରି ଏବଂ ଏହି ଯାତ୍ରାରେ ଆମ ସହିତ ଯୋଗ ଦେଇ ସେମାନଙ୍କର ସମର୍ଥନ ବୃଦ୍ଧି କରିବାକୁ ଅନୁରୋଧ କରିବି। ବର୍ଷାଜଳ ଅପେକ୍ଷା ଚାରି ଗୁଣ ଅଧିକ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରିବାକୁ ଜଣାଶୁଣା, ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ଏବଂ ଜୈବ ବିବିଧତା ସଂରକ୍ଷଣ ପାଇଁ ମାଙ୍ଗ୍ରୋଭ୍ ଅତ୍ୟାବଶ୍ୟକ। ଏବେ ଆନ୍ଦୋଳନରେ ଯୋଗଦାନ କରି ସିଗ୍ନେଚର୍ ପ୍ୟାକେଜ୍ଡ ଡ୍ରିକିଙ୍ଗ ୱାଟର ଢଙ୍ଗ ସହିତ ଏକ ପ୍ରତିଶ୍ରୁତି ନିଅନ୍ତୁ। ଫିଲ୍ମ ଦେଖିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ।

# ସାନଖେମୁଣ୍ଡି ଝାଡ଼ାବାନ୍ତି ଆକ୍ରାନ୍ତ ଘଟଣା ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ

ଭୁବନେଶ୍ୱର,୨୫।୭ (ନି.ପ୍ର): ଗଂଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଟି-ଗୋବିନ୍ଦପୁର ପଂଚାୟତର ଆଦିବାସୀ ଅଧ୍ୟୁଷିତ ଦାମପୁର ଗ୍ରାମରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସ ବର୍ମା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ଗସ୍ତ କରିଥିଲେ। ଗତ ଦୁଇ ଦିନ ଭିତରେ ପ୍ରାଣ ହରାଇଥିବା ସମ୍ବାରୁ ମଲିକ, ସୁକୁରି ମଲିକ ଓ କାଁଦାରା ମଲିକଙ୍କ ପରିବାରବର୍ଗଙ୍କୁ ଭେଟି ଦଳର ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସମବେଦନା ଜଣାଇଥିଲେ। ଏହା ସହ ଅନ୍ୟ ଆକ୍ରାନ୍ତ ପରିବାରକୁ ଭେଟି ଆଲୋଚନା କରିଥିଲେ। ସ୍ଥିତି ଅନୁଧ୍ୟାନ କରିଲା ବେଳେ ଜଣାପଡିଲା ଗତ ଏକ ବର୍ଷ ଧରି ଜଳଯୋଗାଣ ପାଇଁ ଉଦ୍ଦିଷ୍ଟ ପାଣି ଟାଙ୍କି ସଫା ହୋଇନଥିଲା। ଗ୍ରାମବାସୀ ନିର୍ଭର କରୁଥିବା ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ବି ଡାକ୍ତର ନାହାନ୍ତି। ଅଂଚଳରେ



ପରିମଳ ବ୍ୟବସ୍ଥା ତଦାରଖ କରିବେ ପାଇଁ ଆବଶ୍ୟକ କର୍ମଚାରୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିଲା ପରେ ମଧ୍ୟ ସରକାରୀ ଉଦାସୀନତା ଲାଗି ତିନୋଟି ଅମୂଲ୍ୟ ଜୀବନ ଚାଲିଯିବା ବିଷୟ ଗ୍ରାମବାସୀ କହିଥିଲେ। ଆଜି ସକାଳୁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏମକେସିଜି ମେଡିକାଲ କଲେଜର ଏକ ବିଶେଷଜ୍ଞ ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉପସ୍ଥିତ ଥିବା ସମୟରେ ଆସି ପହଞ୍ଚିଥିଲେ। ଡାଇରିଆ ଜନିତ କୌଣସି ମୃତ୍ୟୁ ହୋଇ ନାହିଁ ବୋଲି, ଗତକାଲି ବିଳମ୍ବିତ ସଂଧ୍ୟାରେ ଗଂଜାମ ସିଡିଏମ୍ଓ ଯେଉ ବିବୃତ୍ତି ଜାରି କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସ ବର୍ମା କହିଛନ୍ତି। ଉପସ୍ଥିତ ଡାକ୍ତର ଓ ସିଡିପିଓଙ୍କ ସହ ଆଲୋଚନା କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଟିମରେ ଶ୍ରୀ ବିକ୍ରମ ପଣ୍ଡା, ଶ୍ରୀମତୀ ଲତିକା ପ୍ରଧାନ, ଶ୍ରୀମତୀ ରଞ୍ଜିତା ସାହୁ, ଶ୍ରୀମତୀ ନନ୍ଦିନୀ ଦେବୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀ ସୁବାଷ ଚନ୍ଦ୍ର ବେହେରା, ଶ୍ରୀ ଶ୍ରୀକାନ୍ତ ସାହୁ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଶ୍ରୀ ବିବେକ ରେଡ୍ଡୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ମୁଖପାତ୍ର ଶ୍ରୀ ତୁମ୍ବନାଥ ପଣ୍ଡା, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଶ୍ରୀ ସୀମାଞ୍ଚଳ ପାତ୍ର, ଶ୍ରୀ ସୁବାଷ ମହାରଣା, ଶ୍ରୀ ଯୋଗେନ୍ଦ୍ର ସ୍ୱାଇଁ, ଧରାକୋଟ ଓ ସାନଖେମୁଣ୍ଡି ବ୍ଲକ ବିଜେଡି ସଭାପତି, ଜିଲ୍ଲା ପରିଷଦ ସଭ୍ୟ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟି ରିପୋର୍ଟ କାର୍ଡ ଦେଲେ ବିଧାୟକ ଟଙ୍କଧର ତ୍ରିପାଠୀ

ନୂଆଦିଲ୍ଲୀ, ୨୫।୭ : ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଆଜି ନୂଆଦିଲ୍ଲୀ ଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀଯୁକ୍ତ ଜେ.ପି.ନଡ୍ଡାଙ୍କୁ ସାକ୍ଷାତ କରି ବିଗତ ବର୍ଷକ ମଧ୍ୟରେ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ଉନ୍ନୟନମୂଳକ କାର୍ଯ୍ୟର ଏକ ରିପୋର୍ଟକାର୍ଡ ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ ପରେ ବିଧାୟକ ହିସାବରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀ ପାଇଁ କି କି କାର୍ଯ୍ୟ କରିଛନ୍ତି ତାହା ଏହି ରିପୋର୍ଟରେ



ବିସ୍ତୃତ ଭାବେ ଉଲ୍ଲେଖ ରହିଛି । ରିପୋର୍ଟକାର୍ଡ ପୁସ୍ତକ ପାଇ ଶ୍ରୀ ନଡ୍ଡା ଖୁସିବ୍ୟକ୍ତ କରିବା ସହିତ ଏଥିପାଇଁ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥି ସହିତ ବିଜେପି ଉପରେ ଥିବା ଲୋକଙ୍କର ଆଶା ଭରସାକୁ ବଜାୟ ରଖି ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ମଧ୍ୟ ଦଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି.ଏଲ୍. ସନ୍ତୋଷଙ୍କୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ସୂଚନା ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

# ସଚଳ ନଳକୂପ ଉଠାଇନେଲା ଜନସ୍ୱାସ୍ଥ୍ୟ ବିଭାଗ

ଖଣ୍ଡପଡ଼ା, ୨୫।୭ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ନୋଡାଲ ୟୁପି ବିଦ୍ୟାଳୟରେ ସଚଳ ନଳକୂପକୁ କାଢିନେଇଛି ଜନସ୍ୱାସ୍ଥ୍ୟ ବିଭାଗ। ଫଳରେ ସରକାରୀ ବ୍ୟବସ୍ଥାର ଅପାରଗତା ପଦାରେ ପଡିଛି। ମିଳିଥିବା ଅଭିଯୋଗ ଅନୁଯାୟୀ ବ୍ଲକ ଛକ ନିକଟରେ ଥିବା ଉକ୍ତ ବିଦ୍ୟାଳୟର ନୂତନ ଗୃହ ସକାଶେ ରାଜ୍ୟ ସରକାର ଅନୁଦାନ ରାଶି ମଞ୍ଜୁର କରିଥିଲେ। ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଲକ୍ଷ ରଖାଯାଇଥିଲା। ତେବେ ପ୍ରାରମ୍ଭିକ ଭାବେ ଏନଏସି ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ ସହ କାର୍ଯ୍ୟ ଆରମ୍ଭ ହୋଇଥିଲା।



ମାତ୍ର ବିଦ୍ୟାଳୟ ପରିସରରେ ଅନେକ ଖାଲି ସ୍ଥାନ ଥିବାସତ୍ୱେ ଯେଉଁଠି ନଳକୂପ ଅଛି ତା ଉପରେ ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା। ଫଳରେ ବର୍ଷ ବର୍ଷ ଧରି ଥିବା ନଳକୂପଟି ନୂତନ ଶ୍ରେଣୀ ଗୃହ ମଧ୍ୟରେ ଆବଦ୍ଧ ହୋଇ ରହିଥିଲା। ଏ ନେଇ ସେ ସମୟରେ ସ୍ଥାନୀୟ ୱାର୍ଡ ବାସିନ୍ଦା ପ୍ରତିବାଦ କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ଏନଏସି କର୍ତ୍ତୃପକ୍ଷ ପ୍ରଶାସନ ଦୃଷ୍ଟି ଦେଇନଥିଲା। ଆଜି ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚଳ ନଳକୂପଟିକୁ ଉଠାଇନିଆଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକଙ୍କ ଟିକସ ଅର୍ଥରେ ନିର୍ମିତି ସଚଳ ନଳକୂପ ବଳିପଡିଥିବା ବେଳେ ସରକାରୀ ବ୍ୟବସ୍ଥାର ଅପାରଗତା ପଦାରେ ପଡିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏନଏସି ପ୍ରଶାସନ ସହ ଯୋଗାଯୋଗ କରିବାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ତେବେ ସଚଳ ନଳକୂପ ଉପରେ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ଶିକ୍ଷା ବିଭାଗ ଏବଂ ଏନଏସି ପ୍ରଶାସନର ଦୂରଦୃଷ୍ଟିହୀନତାକୁ ପ୍ରମାଣିତ କରୁଛି ବୋଲି ସହରାଞ୍ଚଳରେ ମତପ୍ରକାଶ ପାଇଛି।

# ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରୀ ଇପସିତା ଦ୍ୱିତୀୟ

ଖଣ୍ଡପଡ଼ା, ୨୫।୭ (ନିପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଇପସିତା



ପଣ୍ଡା ୨ୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି। ଭୁବନେଶ୍ୱର ରବିନ୍ଦ୍ରମଣ୍ଡପ ଠାରେ ଆୟୋଜିତ ଉତ୍ସବରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେବା ସହିତ ଇପସିତାଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁ, ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ୱାଗତ କରିବା ସହ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳିତ

# ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୨୫।୭ (ନି.ପ୍ର) : ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଆଜି ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍ଘାଟିତ କରିଥିଲେ।

ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ନିଜର ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ବିଗତ ଏକବର୍ଷ ମଧ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କରାଯାଇଛି। କେନ୍ଦୁଝରରେ ମହାନ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ମୟୁରଭଞ୍ଜ ରାଇରଙ୍ଗପୁର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ, କେନ୍ଦୁବିଲ୍ୱଠାରେ ମହାକବି ଜୟଦେବଙ୍କ ଜୟନ୍ତୀ ସହ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀର ଆୟୋଜନ, ଓଡ଼ିଆ ପକ୍ଷ ପାଳନ ସମୟରେ ଯୁବ ଲେଖକ ସମ୍ମିଳନୀ ଏବଂ ଅନେକ ପୁସ୍ତକ ପ୍ରକାଶନ ସହ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ କରାଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ନିଜର କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କୋଣଅନୁକୋଣରେ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏକ ନୂତନ ସାହିତ୍ୟ ଅନୁରାଗୀ ପିଢ଼ି ଗଠନ କରିବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଫଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ଏଥିସହ ଡିଜିଟାଲ ଏବଂ ଏ.ଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପ୍ଲାଟଫର୍ମରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇବା ସହ ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରାଇବା ପାଇଁ ଆମେ ସଦାସର୍ବଦା ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ୍? ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶ୍ରୀଯୁକ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ



ମୁଖ୍ୟ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ 'ପଣ୍ଡିତ ହରିହର ଦାସ', 'ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ', 'ଶ୍ରୀ ଜଗନ୍ନାଥ ଐତିହ୍ୟ ଶତକ', 'ମୃତ୍ୟୁଞ୍ଜୟ', 'ନାଟ୍ୟ ଶାସ୍ତ୍ର (ପ୍ରଥମ ଓ ଦ୍ୱିତୀୟ ଖଣ୍ଡ)', 'କୋଣାର୍କ' (ଦୟାନିଧି ମିଶ୍ର ବିଶେଷାଙ୍କ), 'କୋଣାର୍କ' (ଗଙ୍ଗାଧର ମେହେର ବିଶେଷାଙ୍କ), 'କୋଣାର୍କ' (ସୁରେନ୍ଦ୍ର ମହାନ୍ତି ବିଶେଷାଙ୍କ), 'ବ୍ରତ ସାହିତ୍ୟ', 'ଲୋକରତ୍ନ କୁଞ୍ଜବିହାରୀ ଦାଶ', 'ବ୍ଲାକ ଟାଇଗର' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦,୦୦୦ ଟଙ୍କା ଓ ସ୍ନାତକୋତ୍ତର (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ୧୯୫୭ ମସିହାରେ ଓଡ଼ିଶା ସାହିତ୍ୟ ଏକଡେମୀ ପ୍ରତିଷ୍ଠା ହୋଇଥିଲା। ଆଜି ଓଡ଼ିଶା ସାହିତ୍ୟ ଏକାଡେମୀର ଏହି ୬୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀଗଣ, ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନି ବର୍ଷ କାର୍ଯ୍ୟକାଳ ପୂରଣ

## ରାଷ୍ଟ୍ରପତି ଭବନରେ ବିଭିନ୍ନ ପଦକ୍ଷେପର ଶୁଭାରମ୍ଭ, ଏବେ ରାଷ୍ଟ୍ରପତି ଭବନ ୱେବସାଇଟ୍ ୨୨ଟି ଭାରତୀୟ ଭାଷାରେ ଉପଲବ୍ଧ

ନୂଆଦିଲ୍ଲୀ, ୨୫।୭(ପିଆଇବି): ଭାରତର ରାଷ୍ଟ୍ରପତି, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୨୫ ଜୁଲାଇ, ୨୦୨୫) କାର୍ଯ୍ୟାଳୟରେ ତିନି ବର୍ଷ ପୂରଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ କାର୍ଯ୍ୟକାଳର ତୃତୀୟ ବର୍ଷ ପୂରଣ କରିବା ସହିତ, ରାଷ୍ଟ୍ରପତି ଭବନରେ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି ।

ଦିବ୍ୟାଙ୍ଗଜନ-ଅନୁକୂଳ ରାଷ୍ଟ୍ରପତି ଭବନ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଦ୍ୱାରା ୫୦ -ସୂତ୍ରୀ ସୁପାରିଶ କାର୍ଯ୍ୟକାରୀ କରିବା ପରେ ରାଷ୍ଟ୍ରପତି ଭବନ, ଅମୃତ ଉଦ୍ୟାନ ଏବଂ ରାଷ୍ଟ୍ରପତି ଭବନ ସଂଗ୍ରହାଳୟ ଦିବ୍ୟାଙ୍ଗଜନ-ଅନୁକୂଳ ପରିସରରେ ପରିଣତ ହୋଇଛି। ୨୨ଟି ଭାରତୀୟ ଭାଷାରେ ରାଷ୍ଟ୍ରପତି ଭବନ ୱେବସାଇଟ୍ ଆରମ୍ଭ ରାଷ୍ଟ୍ରପତି ଭବନର ସରକାରୀ ୱେବସାଇଟ୍ - https://www.rashtrapatibhavan.gov.in/ ଏବଂ https://www.presidentofindia.gov.in/ - ଏବେ ୨୨ଟି ଭାରତୀୟ ଭାଷାରେ ଉପଲବ୍ଧ।



ରାଷ୍ଟ୍ରପତି ଭବନରେ ପରିଦର୍ଶକ ଏବଂ ନିବାସୀଙ୍କ ପାଇଁ ବିଭିନ୍ନ ସୁବିଧାର ଉଦଘାଟନ, ଯେପରିକି ରାଷ୍ଟ୍ରପତି ଭବନରେ ପରିଦର୍ଶକ ସୁବିଧା କେନ୍ଦ୍ର, ହାଇଦ୍ରାବାଦର ରାଷ୍ଟ୍ରପତି ନିଳୟମ ଠାରେ ନିଳୟମ ନିକୁଞ୍ଜ, ମାଶୋବ୍ରାର ରାଷ୍ଟ୍ରପତି ନିବାସରେ କାଫେଟେରିଆ, ସ୍ମାରକୀ ଦୋକାନ , ଅଭ୍ୟର୍ଥନା କକ୍ଷ ଏବଂ ରାଷ୍ଟ୍ରପତି ଭବନରେ ଏକ ନବୀକରଣ କରାଯାଇଥିବା ଜିମ୍। ୨୫୦ ରୁ ଅଧିକ ସାମଗ୍ରୀ ନିଲାମ ପାଇଁ ଇ-ଉପହାର ସିଜିନ ୨ ଆରମ୍ଭ।ନିଲାମରୁ ସମସ୍ତ ଆୟ ଶିଶୁ ସୁରକ୍ଷା ସମ୍ପର୍କିତ କାଯ୍ୟକ୍ରମଗୁଡ଼ିକୁ ଦାନ କରାଯିବ। ବିବରଣୀ - https://upaharrashtrapatibhavangov.in/। ଇ-ପୁସ୍ତକର ଉନ୍ମୋଚନ - ରାଷ୍ଟ୍ରପତି ଶାସନର ଗତ ଗୋଟିଏ ବର୍ଷର ପ୍ରସଙ୍ଗର ସଂଗ୍ରହ (ଲିଙ୍କ୍ https://rb.nic.in/ebook25.htm)। ମାର୍ଚ୍ଚ ୨୦୨୭ ସୁଦ୍ଧା ରାଷ୍ଟ୍ରପତି ଭବନକୁ ନେଟ୍ ଜିରୋ କରିବା ପାଇଁ ପଦକ୍ଷେପ ଆରମ୍ଭ।ଏହି ସମସ୍ତ ପ୍ରୟାସର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟରେ କହିଛନ୍ତି ଗତ ତିନି ବର୍ଷ ମଧ୍ୟରେ ଅନେକ ନିଷ୍ପତ୍ତି ନିଆଯାଇଛି ଏବଂ କାର୍ଯ୍ୟ କରାଯାଇଛି ଯାହା ନାଗରିକମାନଙ୍କର ରାଷ୍ଟ୍ରପତି ଭବନ ସହିତ ଅଧିକ ସଂଯୋଗ ବୃଦ୍ଧି କରିଛି। ସମାଜର ସମସ୍ତ ବର୍ଗ, ବିଶେଷକରି ଅବହେଳିତ ଏବଂ ପଛୁଆ ବର୍ଗଙ୍କୁ ଦେଶର ବିକାଶ ଯାତ୍ରା ସହିତ ପ୍ରଭାବଶାଳୀ ଭାବରେ ଯୋଡ଼ିବା ପାଇଁ ଆମର ସର୍ବଦା ପ୍ରୟାସ ଜାରିରହିଛି । ଦିବ୍ୟାଙ୍ଗଜନଙ୍କ ପାଇଁ ରାଷ୍ଟ୍ରପତି ଭବନ ଅଧିକ ସୁଗମ ହୋଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ନୂତନ ପଦକ୍ଷେପ ନିଆଯିବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ।

# ମାନବିକତା ର ପରିଚୟ ଦେଲେ କରାଟେ କୋଚ ଅସୀମ ଭୋଇ

ବଲାଙ୍ଗିର, ୨୫/୭/୨୫- ଜାତୀୟ ସ୍ତରୀୟ କରାଟେ ତଥା ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇ ସବୁ ଦିନ ଭଳି ଆଜି ସକାଳେ ମଧ୍ୟ ବୃକ୍ଷରୋପଣ ପାଇଁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲକୁ ଯାଇଥିଲେ । ସେ ସମୟରେ ହସ୍ପିଟାଲ କେମ୍ପସ ଓପିଡି ବିଭାଗ ପାର୍କିଂ ଗେଟ ସମ୍ମୁଖରେ ଟାଇମେକ୍ସ କଂପାନୀର ଗୋଲଡେନ ରଂଗର ଗୋଟିଏ ଲେଡିଜ ହାତଘଣ୍ଟା ଅସୀମ ଭୋଇ ପାଇଥିଲେ । ଯାହାର ମୂଲ୍ୟ ହାରାହାରି ୪ହଜାର ଟଙ୍କା ହେବ। କରାଟେ କୋଚ ତଥା ଯୁବ କୁଲୁତା ସମାଜ ସଭାପତି ଅସୀମ ଭୋଇ ଆଜି ବଲାଙ୍ଗିର ଟାଉନ ଥାନା ଆଇଆଇସି ଙ୍କ ଉପସ୍ଥିତିରେ ଘଣ୍ଟାଟି ଥାନାରେ ଜିମା ଦେଇ ମାନବିକତାର ପରିଚୟ ସୃଷ୍ଟି କରିଛନ୍ତି । ସୁଚନା ଥାଉ କି କୋଭିଡ୍ ସମୟରେ ମଧ୍ୟ ଅସୀମ ଭୋଇ ପାଇଥିବା ଏକ ଦାମୀ ମୋବାଇଲ୍ ସେ ସମୟର ଟାଉନ ଥାନାଧିକାରୀଙ୍କ ଠାରେ ଜିମା ଦେଇଥିଲେ । ଅସୀମ ଭୋଇଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜିବି ମହଲରେ ପ୍ରଶଂସା କରାଯାଇଛି ।



# ଅବହେଳିତ ଅବସ୍ଥାରେ ଚନ୍ଦ୍ରଭାଗା ବିଜୁପଟ୍ଟନାୟକ ସ୍ମାରକୀ



ଗୋପ, ୨୫।୭(ନି.ପ୍ର.): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୪କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ଥିବା ବିଜୁ ପଟ୍ଟନାୟକ ସ୍ମାରକୀ ପୀଠ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି।

ଖବରରୁ ପ୍ରକାଶ ଯେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ୨୦୦୫ ମସିହା ଡିସେମ୍ବର ୧୦ ତାରିଖରେ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା ବେଳେ ତତ୍କାଳୀନ କାକଟପୁର ବିଧାୟକ ତଥା କୃଷି ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିଲା। ଚନ୍ଦ୍ରଭାଗା ଠାରେ ନିର୍ମିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ କୋଣାର୍କ ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ପରିଚାଳନା ଦାୟିତ୍ୱରେ ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ କମିଟିକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏଠାରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଚତୁଃପାର୍ଶ୍ୱରେ ରେଲିଂଗ ଲଗାଇ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା। ଏହି ସ୍ମାରକୀ ପୀଠ ନିର୍ମାଣ ହେବାର ୧୯ ବର୍ଷ ବିତିଗଲାଣି ମାତ୍ର ପୁରୀ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସାମୁଦ୍ରିକ ଲୁଣା ପବନ ମାଡରେ ନଷ୍ଟ ହେବାକୁ ବସିଛି। ଏହି ସ୍ମାରକୀ ପୀଠର ଚତୁଃପାର୍ଶ୍ୱରେ ନିର୍ମାଣ କରାଯାଇଥିବା ରେଲିଂଗ, ପାର୍କିଂ ସ୍ଥାନ ଓ ଗେଟ ଏବେ ନଷ୍ଟଭ୍ରଷ୍ଟ ହୋଇଛି। ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠର ପୁନରୁଦ୍ଧାର, ପ୍ରତିମୂର୍ତ୍ତିର ସୌନ୍ଦର୍ଯ୍ୟକରଣ ସମେତ ଚତୁଃପାଶ୍ୱର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ମାନ୍ୟବର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଙ୍କ ସମେତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ବାଲିଗାଡି ଧରପଗଡ

## ୩ ଜବତ, ୧ ଦୁର୍ଘଟଣାଗ୍ରସ୍ତ, ଖସାଇ ଦେବାକୁ ମସୁଧା !

ଜଳେଶ୍ୱର ୨୫।୭(ନି.ପ୍ର.): ଜଳେଶ୍ୱରରେ ନୂତନ ଏସଡିପିଓଭାବେ ସୁବ୍ରତ କୁମାର ବେହେରା ଯୋଗଦେବାପରେ ଚୋରା ବାଲିଗାଡି ଧରପଗଡ ଆରମ୍ଭ ହୋଇଛି । ଗତ ବୁଧବାର ମଧ୍ୟ ରାତିରେ ୬୦ନଂ ଜାତୀୟ ରାଜପଥ ହସ୍ପିଟାଲ ବାଇପାସ୍ ନିକଟରେ ଯିବା ଆସିବା କରୁଥିବା ବେଳେ ୩ ଡମ୍ପର ଜବ୍ ହୋଇଛି । ଜବତହୋଇଥିବା ଡମ୍ପର ଡବ୍ଲୁବି୩୧ଏ-୫୮୫୫, ଓଡି୨୨ୱାଇ-୯୯୯୫, ଓଡି୨୨ଜେଡ-୦୨୮୫ କୋର୍ଟ ସମ୍ମୁଖ ଡମ୍ପି ୱାର୍ଡରେ ରଖାଯାଇ ଥିବା ବେଳେ ଅନ୍ୟଏକ ଡମ୍ପର ପୁଲିସ୍ ଭୟରେ ଭୁଲ ରାସ୍ତାରେ ଗଲାବେଳେ ଶ୍ୟାମସୁନ୍ଦର ଦାସ ମହାପାତ୍ରଙ୍କ ଘର ନିକଟରେ ଓଲଟି ପଡିଥିଲା।

ଦୁର୍ଘଟଣାଗ୍ରସ୍ତ ଡମ୍ପରକୁ ପୁଲିସ୍ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଉଦ୍ଧାର କରାଯାଇଥିବା ଜଣାପଡିଛି । ଘଟଣାସ୍ଥଳରୁ ଡମ୍ପର ଚାଳକ ଫେରାର ଥିବା ବେଳେ ହେଲପର ଗୁରୁତରହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ସୂଚନା ଯୋଗ୍ୟ ଦୁର୍ଘଟଣାଗ୍ରସ୍ତ ଡମ୍ପରଟି ଜଣେ ପ୍ରଭାବଶାଳୀ ବ୍ୟକ୍ତିର ହୋଇଥିବାରୁ ଏହାକୁ ଖସାଇ ଦେବାଲାଗି ଚେଷ୍ଟା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି ।



# ସୁନାମୁଦୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ଲଗୋ ଉନ୍ମୋଚିତ



ବଲାଙ୍ଗୀର, ୨୫।୭(ନି.ପ୍ର.): ସ୍ଥାନୀୟ ବାପୁଜୀ ଉଚ୍ଚ ବିଦ୍ୟାଳୟ ସୁନାମୁଦି ଠାରେ କନକବର୍ଦ୍ଧନ ସିଂହଦେଓ, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ଲଗୋ ଉନ୍ମୋଚିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ପାଟଣାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ରହିଥିଲେ ଯମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଆଗାମି ନଭେମ୍ବର ମାସରେ ଦୁଇ ଦିନ ବ୍ୟାପି ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତି ର କାର୍ଯପନ୍ଥା ବିଷୟରେ ଆଲୋଚନା ସହ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କେମିତି ହେଇ ପାରିବ ତାହାରି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସୁବର୍ଣ୍ଣ ଜୟନ୍ତି ପାଳନ କମିଟିର ସମ୍ପାଦକ ମୋହନ ସାହୁ, ଉପ ସଭାପତି ଅର୍ଜୁନ କୁମାର ସାହୁ , ଦେବରାଜ ସାହୁ, ପ୍ରେମରାଜ ଯୋଷି, ନବୀନ ସାହୁ, ସୁବାଷ ମଲ୍ଲିକ, ତେଜଲାଲ୍ ବାଗିକ , ଶାନ୍ତିକିଶୋର ସାହୁ, ଅମଜ୍ ସାହୁ , ପକ୍ଷୀରାଜ ସାହୁ, ବିମ୍ବାଧର ବେହେରା, ସନ୍ତୋଷ କଠାର, ହରିସ୍ ପୁଟେଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

# ଦୁଷ୍କର୍ମ ମାମଲା ଅଭିଯୋଗ, ପୁଲିସ ନିରବଦ୍ରଷ୍ଟା



ଜଟଣୀ, ୨୫।୭ ୯ନି.ପ୍ର.): ଭୁବନେଶ୍ୱରର ବିଜେଡି କର୍ପୋରେଟର ଅମରେଶ ଜେନା(ବାଇଆଁ)ଙ୍କ ନାଁରେ ଆସିଛି ଗତ ଦୁଇବର୍ଷରୁ ଦୁଷ୍କର୍ମ ଓ ଭୃଣ ହତ୍ୟାର ସଙ୍ଗୀନ୍ ଅଭିଯୋଗ । ଜଣେ ୧୯ ବର୍ଷୀୟା ଯୁବତୀ, ଜୁଲାଇ ୨୩ ତାରିଖରେ ଲକ୍ଷ୍ମୀସାଗର ଥାନାରେ ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ବିରୁଦ୍ଧରେ ପ୍ରେମ, ପ୍ରତାରଣା, ଦୁଷ୍କର୍ମ ଓ ଭୃଣ ହତ୍ୟା ଭଳି ସଙ୍ଗୀନ୍ ଅଭିଯୋଗ ଆଣିଛନ୍ତି । ଯୁବତୀ ଅଭିଯୋଗରେ ଉଲ୍ଲେଖ କରିଥିଲେ, ବିବାହର ପ୍ରତିଶ୍ରୃତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ଅମରେଶ ଜେନାୟ ସେହି ସମୟରେ ନାବାଳିକା ଥିବା କଥା ଏତଲାରେ ଦର୍ଶାଇଥିଲେ। ଯଦି କିଛି କାର୍ଯ୍ୟାନୁଷ୍ଠାନ ନିଆନଯାଏ ଆତ୍ମହତ୍ୟା କରିବାକଥା ଏତଲାରେ ଉଲ୍ଲେଖ କରିଥିଲେ ଯୁବତୀ ଜଣକ। ଯୁବତୀଙ୍କ ଘର ମଧ୍ୟ ଲକ୍ଷ୍ମୀସାଗର ଥାନା ଅଂଚଳରେ । ୨୦୨୩ ସେପ୍ଟେମ୍ବର ମାସରେ ସମ୍ପୃକ୍ତା ଯୁବତୀଙ୍କ ସହ ପୁରୀରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବାର ଅଭିଯୋଗ ଆଣିଛନ୍ତି। ଅମରେଶ ତାଙ୍କ ସହ ପ୍ରଥମଥର ପାଇଁ ଶାରୀରିକ ସମ୍ପର୍କ ରଖିବାବେଳେ ତାଙ୍କର ବୟସ ମାତ୍ର ୧୭ ବର୍ଷ ହୋଇଥିଲା ବୋଲି ଯୁବତୀଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେବେ ଚଳିତବର୍ଷ ଏପ୍ରିଲ ମାସଠୁ ସେ ତାଙ୍କୁ ଦୂରେଇବା ସହିତ ମାଡ଼ ମାରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବାର ଅଭିଯୋଗ କରିଛନ୍ତି ଯୁବତୀ ଜଣକ। ଆଉ ଯୁବତୀଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ପୁଲିସ ଗତକାଲି ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨)ଏମ), ୮୯, ୨୯୬, ୩୫୧(୨), ଓ ପେକସୋ ଆକ୍ଟ-୨୦୧୨ର ଧାରାର ୬ ରେ ମାମଲା ରୁଜୁ କରିଛି । ଏହାସହିତ ଜୁଲାଇ ୨୪ ରେ ଯୁବତୀଙ୍କୁ ଡାକ୍ତରୀ ମାଇନା କରିବା ସହ ଭାରତୀୟ ନ୍ୟାୟ ସଂହିତାର ଧାରା-୧୮୩ରେ ତାଙ୍କର ବୟାନ ରେକର୍ଡ କରିଥିବା ବିଶେଷ ସୂତ୍ରରୁ ଖବର ପ୍ରକାଶ ପାଇଛି। ଏଠି ପ୍ରଶ୍ନ ଉଠୁଛି, ଜଣେ ଯୁବତୀଙ୍କ ଦ୍ୱାରା ୪ମାସ ପୁରୁଣା, ମାର୍ଚ୍ଚମାସରେ ଦୁଷ୍କର୍ମ ଅଭିଯୋଗ ଘଟଣା ଆଧାରରେ କଂଗ୍ରେସ ଛାତ୍ର ନେତା ଉଦିତଙ୍କୁ ପୁଲିସ ଉଠାଇ ଆଣିଥିଲା । ଏହି ଘଟଣାରେ ଉଦିତଙ୍କୁ ପୁଲିସ ଉଠାଇବା ଆଣିବାପୂର୍ବରୁ ସମ୍ପୃକ୍ତ ଅଭିଯୋଗ କାରିଣୀଙ୍କ ଡାକ୍ତରୀମାଇନା କିମ୍ବା ପାରିପାର୍ଶ୍ୱିକ ପରିସ୍ଥିତି, ସାକ୍ଷୀପ୍ରମାଣ ଆଦି କିଛି ମଧ୍ୟ ସଂଗ୍ରହ କରିନଥିଲା । ତଥାପି ତାଙ୍କୁ ଗିରଫ କରିଜେଲ୍ ପଠାଇ ଦେଇଥିଲା । ମାତ୍ର ଅମରେଶଙ୍କ କ୍ଷେତ୍ରରେ ପୁଲିସ ସମ୍ପୂର୍ଣ୍ଣ ନିରବ ରହିଛି।

# ଭଡାକୁ ଗଲା କାଞ୍ଜିଆ ହୋଡା : ବୁଲା ଗୃହପାଳି ପଶୁ ଉପୁଜାଉଛନ୍ତି ନାନା ସମସ୍ୟା

କୋରାପୁଟ, ୨୫।୭(ନି.ପ୍ର.): ବୁଲା ଗୃହପାଳିତ ପଶୁ ମାନଙ୍କ ରକ୍ଷାଣ ବେକ୍ଷଣର କାଞ୍ଜିଆ ହୋଡା ଭଡାରେ ଗଲା, କିନ୍ତୁ ସମସ୍ୟା ଉପୁଜାଇବାରେ ଲାଗିଛନ୍ତି ବୁଲା ଗୃହପାଳିତ ପଶୁ। ଦୃର୍ଘଟଣାରେ ଶହଶହ ଲୋକଙ୍କ ମୂଲ୍ୟବାନ ଜୀବନ ଯିବା ଓ ପରିବାର ବେଘର ହେବା ସମସ୍ୟା ଦେଖିବାକୁ ମିଳିଛି। ବର୍ଷାଦିନରେ ରାସ୍ତା ଉପରେ ପଡି ରହି ସମସ୍ୟା ହି ସମସ୍ୟା ଘଟାଇବା ଦେଖିବାକୁ ମିଳିଛି। ବର୍ତମାନ ବୁଲା ପଶୁ ରାସ୍ତା ଉପରେ ରହି ସ୍ଥାନୀୟ ଲୋକଙ୍କ ଜୀବନ ଶୈଳିରେ ସମସ୍ୟା ଆଣୁଛି।

କୋରାପୁଟ ଜିଲ୍ଲା ସୁନାବେଡା ମୁନିସପାଲଟି ଅଂଚଳରେ ବୁଲା ପଶୁମାନେ ଲୋକଙ୍କ ଦୈନନ୍ଦୀନ ଜୀବନରେ ବିରାଟ ସମସ୍ୟା ଆଣିଛନ୍ତି। ରାସ୍ତା ଘାଟ, ଗଳି କନ୍ଦି ରେ ଯୋଉଁ ଦେଖିବ ପୁଳାପୁଳା ସଂଖ୍ୟାରେ ଦେଖିବାକୁ ମିଳୁଛନ୍ତି। ଏହି ପଶୁ ମାନଙ୍କୁ କେଉଁଠି ଶୋଇଥିବା ଅବସ୍ଥାରେ ତ କେଉଁଠି ଠିଆ ହୋଇଥିବା ବସ୍ଥାରେ ରାସ୍ତା ଜାମ କରି ରହୁଛନ୍ତି। ଏହିପରି ପେକ୍ଷିରେ କିଛି ଜରୁରି କାଳୀଣ ପରିସ୍ଥିତିରେ ଚିକିତ୍ସା କୁ ନେଇ ଯିବା କଠିନ ହୋଇ ପଡୁଛି। ଅନ୍ୟ ପକ୍ଷରେ ଅନେକସମୟରେ ସ୍ଥାନୀୟ ଲୋକମାନେ ଦୃର୍ଘଟଣାର ଶିକାର ହେଉଛନ୍ତି ଓ ଅକାଳରେ ମୂଲ୍ୟବାନ ଜୀବନ ମଧ୍ୟ ଚାଲି ଯାଉଛି। ଦୃର୍ଘଟଣାରେ କାହାର ପରିବାର ବେଘର ହେଉଛି ତ କାହାର ଉତରାଧିକାରି ରୁ ବଂଚିତ ହେଉଛନ୍ତି ଏହିପରି ସମସ୍ୟା ମାନ ଦେଖିବାକୁ ମିଳିଛି। ପୂର୍ବରୁ ଏହି ବୁଲା ପଶୁ ମାନଙ୍କ ସମସ୍ୟା କୁ ନେଇ ମୁନିସପାଳି ଏକ କାଞ୍ଜିଆ ହୋଡା ସୁନାବେଡା ପୋଲିସ ଷ୍ଟେସନ ନିକଟରେ ଲକ୍ଷାଧିକ ଅର୍ଥ ଖର୍ଚ୍ଚରେ ନିର୍ମାଣ କରିଥିଲା। କିନ୍ତୁ କିଛି ମୁନିସପାଲଟି କର୍ମଚାରି ଙ୍କ ଖାମଖାଆଲ ମାରଣା ନିତି ଓ ଅର୍ଥ ଲୋଭ ସହ ମଦ ମାସର ଲୋଭରେ ଏକ ଘରୋଇ ସଂସ୍ଥାକୁ ଭଡା ଆକାରରେ ଟେକି ଦେଇଥିଲେ। ଯାହାକି ବର୍ତମାନ ସୁଧା ଭଡାରେ ଚାଲିଛି। ମୁନିସପାଲଟିର ଅଧିକାରି ମାନେ ସବୁ ଜାଣି ଅଜଣା ରେ ରହିଛନ୍ତି। ଏହି ସମସ୍ୟାକୁ ନେଇ କାଉନସିଲ ଆଲୋଚନା ସଭାରେ ମଧ୍ୟ ଉଠା ଯାଇ ଏହାର ତୁରନ୍ତ ବନ୍ଦୋବସ୍ତ କରିବା ନେଇ ତୀର୍ବ ହୋଇଥିବା କିଛି କାଉନସିଲର ମଧ୍ୟ କହିଛନ୍ତି। କାଞ୍ଜି ଆହୋଡା ନିର୍ମାଣକୁ ନେଇ ଜାଗା ଖୋଜା ଚାଲିଥିବା କୁହାଯାଉଥିବା ବେଳେ ପୁରୁଣା କାଞ୍ଜିଆ ହୋଡାକୁ ପୁନଃରୁଦ୍ଧାର କରିବା କଥା ମଧ୍ୟ ଆଲୋଚନା ହୋଇଛି। ଲୋକଙ୍କ ବୁଲା ପଶୁ ଜନୀତ ସମସ୍ୟା ରୁ କେବେ ସ୍ଥାନୀୟ ଲୋକେ କେବେ ମୁକ୍ତି ପାଇବେ ତାହା ଆଗାମି ଦିନରେ ଦେଖିବାକୁ ବାକି ରହିଲା।

## ଏମ୍ସ ଦିଲ୍ଲୀରେ ପୀଡ଼ିତାଙ୍କ ବୟାନ ରେକର୍ଡ

ଭୁବନେଶ୍ୱର: ପୁରୀଜିଲ୍ଲା ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ କ୍ରାଇମ୍ବ୍ରାଞ୍ଚଙ୍କୁ ଅନେକ ତଥ୍ୟ ହାସଲ ହୋଇଛି। ବଳଙ୍ଗା ପୁଲିସ ଓ କ୍ରାଇମ୍ବ୍ରାଞ୍ଚର ଟିମ୍ କ୍ରାଇମ୍ ସ୍ୱତନ୍ତ୍ର ରୁପା ମୁଦି ଓ ଅଳଂକାର ଦୋକାନୀଙ୍କ ମାଧ୍ୟମରେ ଅନେକ ତଥ୍ୟ ବାହାର କରିଛନ୍ତି। କ୍ରାଇମ୍ବ୍ରାଞ୍ଚ ଟିମ୍ ଏମ୍ସ ଦିଲ୍ଲୀରେ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ସମ୍ପୂର୍ଣ୍ଣ ଭିଡିଓ ମାଧ୍ୟମରେ ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସମୟରେ ଏମ୍ସ ଦିଲ୍ଲୀରେ ଜଣେ ଡାକ୍ତର, ସେହି ଅଂଚଳର ଜଣେ ମାଜିଷ୍ଟ୍ରେଟ୍, ବଳଙ୍ଗା ଥାନାର ମହିଳା ଏଏସ୍ଆଇ, କ୍ରାଇମ ବ୍ରାଞ୍ଚର ଜଣେ ଅଧିକାରୀଙ୍କ ସମେତ ପୀଡ଼ିତାଙ୍କ ପରିବାରର ଜଣେ ସଦସ୍ୟ ଉପସ୍ଥିତ ଥିଲେ।

# ବଲାଙ୍ଗୀର ଜିଲ୍ଲାସ୍ତରୀୟ ଇନ୍ଦ୍ରଧନୁ ପ୍ରାଇଡ୍ ପଦଯାତ୍ରାର ଚତୁର୍ଥ ସଂସ୍କରଣ

ବଲାଙ୍ଗିର, ୨୫।୬(ନି.ପ୍ର.): ଜିଲ୍ଲାସ୍ତରୀୟ ଇନ୍ଦ୍ରଧନୁ ପ୍ରାଇଡ୍ ପଦଯାତ୍ରାର ଚତୁର୍ଥ ସଂସ୍କରଣ ପାଇଁ ୨୦୦ ରୁ ଅଧିକ ଲୋକ ଏକତ୍ରିତ ହେବା ସହିତ ରଙ୍ଗ, ସାହସ ଏବଂ ସମ୍ପ୍ରଦାୟ ଆତ୍ମାର ଏକ ଶକ୍ତିଶାଳୀ ଲହରୀ ସହରରେ ପ୍ରବାହିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ସମ୍ପ୍ରଦାୟର ବିବିଧତା, ସ୍ଥାୟୀତା ଏବଂ ଅଧିକାରକୁ ପାଳନ କରିଥିଲା, ଯାହା ତୃଣମୂଳ ସ୍ତରରେ ଅନ୍ତର୍ଭୁକ୍ତି ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଏହି ପ୍ରାଇଡ୍ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ବଲାଙ୍ଗିରର ଏକ ସମ୍ପ୍ରଦାୟଭିତ୍ତିକ ସଂଗଠନ ପିଆର ଆଇ ଟି ଦ୍ୱାରା ସାଥୀ ଅନୁଷ୍ଠାନ ସ୍ଥାନୀୟ ଯୁବକ ଏବଂ ସହଯୋଗୀଙ୍କ ସହଯୋଗରେ ଆୟୋଜିତ ଏହି ପ୍ରାଇଡ୍ ୱାକ୍ ଜୀବନର ସମସ୍ତ ବର୍ଗର ଲୋକଙ୍କୁ -କର୍ମୀ, କଳାକାର, ଛାତ୍ର ଏବଂ ସରକାରୀ ଅଧିକାରୀମାନଙ୍କୁ - ସମାନତା ଏବଂ ଗ୍ରହଣର ପତାକା ତଳେ ଏକତ୍ରିତ କରିଥିଲା।

ଏହି ପଦଯାତ୍ରା ଜିଲ୍ଲାପାଳ ନିକଟସ୍ଥ ପାର୍କିଂ ଜୋନ୍ ରୁ ଆରମ୍ଭ ହୋଇ ସମ୍ବାଦିକ ଭବନରେ ଶେଷ ହୋଇଥିଲା, ଅଂଶଗ୍ରହଣକାରୀମାନେ ଇନ୍ଦ୍ରଧନୁ ପତାକା ଉଡ଼ାଇଥିଲେ, ଗର୍ବ ଏବଂ ସଂହତିର ବାର୍ତ୍ତା ଥିବା ପ୍ଲାକାର୍ଡ ଧରିଥିଲେ ଏବଂ ମାନବାଧିକାର ଏବଂ ମର୍ଯ୍ୟାଦା ପ୍ରତି ସମର୍ଥନରେ ସ୍ୱର ଉଠାଇଥିଲେ। ସ୍ଥାନୀୟଅଧିକାରୀ, ସମ୍ପ୍ରଦାୟ ନେତା ଏବଂ ସମଲିଙ୍ଗୀ କର୍ମୀମାନେ ପ୍ରେରଣାଦାୟକ ଭାଷଣ ଦେଇଥିଲେ, ଜିଲ୍ଲା ସାରା ଏଲଜିବିଟିକ୍ୟୁଆଇଏ+ ବ୍ୟକ୍ତିବିଶେଷଙ୍କ ପାଇଁ ସୁରକ୍ଷିତ, ଦୃଢ଼ ସ୍ଥାନ ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ।

ଆୟୋଜକଙ୍କ ଉଦ୍ଧୃତି: ଏହି ପ୍ରାଇଡ୍ ପଦଯାତ୍ରା କେବଳ ଉତ୍ସବ ବିଷୟରେ ନୁହେଁ, ବରଂ ଆମର ସମ୍ପ୍ରଦାୟର ଅଧିକାର, ଦୃଶ୍ୟମାନତା ଏବଂ ମାନବିକତାରସ୍ୱୀକୃତି ବିଷୟରେୟ ଆମେ ଗର୍ବିତ ଆମର ଜିଲ୍ଲାକୁ ପ୍ରେମ, ନ୍ୟାୟ ଏବଂ ସମାନତା ପାଇଁ ଏକାଠି ହେବାର ଦେଖି, ପ୍ରାଇଟ୍ ସିବିଓର ସଭାପତି ଧନେଶ୍ୱର ତାଣ୍ଡି ଏବଂ ପ୍ରାଇଟ୍ ସିବିଓର ସଚିବ ହିମାନି ଜୋଶୀ କହିଛନ୍ତି। ପ୍ରାଇଡ୍ ପଦଯାତ୍ରା ପରେ, ସାମ୍ବାଦିକ ଭବନରେ ଏକ ସଂହତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ପୌରପାଳିକାର ଅଧକ୍ଷା ଲିକା ସାହୁ, ସସ୍ମିତା ହୋତା, ଜିଲ୍ଲା ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ସୁମିତ୍ରା ଖୋରା, ସଦର ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ମିଶ୍ର ଏବଂ ସାଥୀ ସହକାରୀ ନିର୍ଦ୍ଦେଶକ, ବିଶ୍ୱ ଭୂଷଣ ପଟ୍ଟନାୟକ, ଯୋଗ ଦେଇଥିଲେ।

ସଂହତି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତି ଏବଂ ମାନବିକ ଅଧିକାର ଉପରେ ସଂହତି ଭାଷଣ, ତା'ପରେ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଅନ୍ତର୍ଭୁକ୍ତି ଅନ୍ତର୍ଭୁକ୍ତି ଏବଂ ମାନବିକ ଅଧିକାର ଉପରେ ସଂହତି ଭାଷଣ ପ୍ରଦାନ କରିବା ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ଭେଦଭାବ ବିରୁଦ୍ଧରେ ଲଢ଼େଇ ଜାରି ରଖିବା ଏବଂ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦା ଏବଂ ସାଧୀନତାକୁ ସୁରକ୍ଷା ଦେଉଥିବା ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସାମୂହିକ ପ୍ରତିଶ୍ରୁତି ସହିତ ଶେଷ ହୋଇଥିଲା।

# ଆରପିଏଫ ଦ୍ୱାରା ପନ୍ଦର ଦିନ ବ୍ୟାପୀ ସଚେତନତା ଅଭିଯାନ

ଭୁବନେଶ୍ୱର, ୨୫।୭(ନି.ପ୍ର.): ଖୋର୍ଦ୍ଧା ରୋଡ୍, କଟକ, ପୁରୀ, ତାଳଚେର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କେନ୍ଦୁଝରଗଡ଼, ଅନୁଗୁଳ, ବ୍ରହ୍ମପୁର, ପଲାସା ଏବଂ ରେଳମଣ୍ଡଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ସଚେତନତା ଅଭିଯାନ କରାଯାଉଛି ଯ କାର୍ଯ୍ୟକଳାପରେ ସୂଚନାପ୍ରଦ ପ୍ରଦର୍ଶନ, ସାର୍ବଜନୀନ ଘୋଷଣା, ଯାତ୍ରୀ ପାରସ୍ପରିକ କ୍ରିୟା ଅଧିବେଶନ ଏବଂ ଶିଶୁ ହେଲ୍ପଲାଇନ୍ -୧୦୯୮ ବିଷୟରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଅଛି ଯାହା ଲୋକମାନଙ୍କୁ ଶିଶୁ କିମ୍ବା ଦୁର୍ବଳ ବ୍ୟକ୍ତିମାନଙ୍କ ସହିତ ଜଡିତ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ପ୍ରୋତ୍ସାହିତ କରିଥାଏ।

ଏହି ଅଭିଯାନରେ ସରକାରୀ ରେଳବାଇ ପୋଲିସ (ଜିଆରପି), ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଅଧିକାରୀ, ଶିଶୁ କଲ୍ୟାଣ କମିଟି, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମହିଳା ଏବଂ ଶିଶୁ ବିକାଶ ବିଭାଗ , ସ୍ୱେଚ୍ଛାସେବୀ କାର୍ଯ୍ୟ ସଂଘ ଏବଂ ବଚପନ ବଚାଓ ଆନ୍ଦୋଳନ ସମେତ ଅଣ-ସରକାରୀ ସଂଗଠନ ଭଳି ଅନେକ ଅଂଶୀଦାରଙ୍କ ସହ ଘନିଷ୍ଠ ସମନ୍ୱୟରେ ପରିଚାଳିତ କରାଯାଇ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଅଛି।



ଏହି ପଦକ୍ଷେପ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମାନବ ଚାଲାଣ ମୁକାବିଲା ପାଇଁ ଏକ ସମନ୍ୱିତ ରାଜ୍ୟସ୍ତରୀୟ ପ୍ରତିକ୍ରିୟାକୁ ପ୍ରତିଫଳିତ କରୁଅଛି ଯାହାର ଲକ୍ଷ୍ୟ ରେଳବାଇ ମାଧ୍ୟମରେ ସଚେତନତା ବୃଦ୍ଧି ଏବଂ ସାମୁଦାୟିକ ସଚେତନତା ସୃଷ୍ଟି କରିବା - ପ୍ରାୟତଃ ଚାଲାଣ ଘଟଣାରେ ଏକ ପରିବହନ କେନ୍ଦ୍ରବିନ୍ଦୁ।

ସମ୍ଭାବ୍ୟ ପୀଡିତ ଏବଂ ଚାଲାଣକାରୀଙ୍କୁ ଚିହ୍ନଟ କରିବା ଏବଂ ସଙ୍କଟରେ ଥିବା ପିଲାମାନଙ୍କୁ ତୁରନ୍ତ ଉଦ୍ଧାର ଏବଂ ସହାୟତା ସୁନିଶ୍ଚିତ କରିବା ପାଇଁ ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ମିଶି କାମ କରିବା ପାଇଁ ଆରପିଏଫ କର୍ମଚାରୀମାନଙ୍କୁ ସଚେତନ ଏବଂ ତାଲିମ ମଧ୍ୟ ଦିଆଯାଇଅଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ